# କୃଷକ ଉତ୍ପାଦକ ସଂଗଠନର ଶାସନ ଓ ଅନୁପାଳନ ନିମନ୍ତେ ହସ୍ତପୁସ୍ତକ



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

FPO ODISHA

# କୃଷକ ଉତ୍ପାଦକ ସଂଘର କାର୍ଯ୍ୟକାରିତା ଏବଂ ଅନୁପାଳନ ସମ୍ପର୍କିତ ପୁସ୍ତିକା

## ସୂଚୀପତ୍ର


ଲକ୍ଷ୍ୟ ୩
ଉଦ୍ଦେଶ୍ୟ ୩
କୃଷକ ଉତ୍ପାଦକ ସଂଘ(ଏଫ୍‌ପିଓ) ୬
ଏଫ୍‌ପିଓ ସଂରଚନା ୭
ଏକକ ଟିୟର ଏଫ୍‌ପିଓ ମଡେଲ ୭
ଦୁଇ ଟିୟର ଏଫ୍‌ପିଓ ମଡେଲ-ମାର୍କେଟ ଫେସିଂ କଂପାନି(ଏମ୍‌ଏଫ୍‌ସି) ୭
କୃଷକ ଉତ୍ପାଦକ କଂପାନି ବନାମ ସମବାୟ ସମିତି ୮
ଏଫ୍‌ପିଓର କାର୍ଯ୍ୟ ୯
ଏଫ୍‌ପିଓ ଗଠନ ପ୍ରକିୟା ୯
କ୍ଲଷ୍ଟର ଚୟନ ୧୦
ଏଫ୍‌ପିଓ ପଞ୍ଜୀକରଣ ୧୦
କୃଷକ ଉତ୍ପାଦକ କମ୍ପାନୀର ପଞ୍ଜୀକରଣ ୧୧
ପଞ୍ଜୀକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା ୧୧
ପ୍ରକ୍ରିୟା ପ୍ରବାହ ୧୨
ପଞ୍ଜୀକରଣ ଅବଧି ୧୨
ସମବାୟ ସମିତିଗୁଡିକର ପଞ୍ଜୀକରଣ ୧୩
ଓଡ଼ିଶା ସମବାୟ ସମିତି ଅଧିନିୟମ,୧୯୬୨ ଅଧୀନରେ ସମବାୟ ସମିତି ପଞ୍ଜୀକରଣ ୧୪
ଓଡ଼ିଶା ସମବାୟ ସମିତି ଅଧିନିୟମ,୧୯୬୨ ଅଧୀନରେ ପଞ୍ଜୀକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା ୧୪
ପ୍ରକ୍ରିୟା ପ୍ରବାହ ୧୫
କୃଷକ ଉତ୍ପାଦକ କଂପାନିଗୁଡ଼ିକ ପାଇଁ ଅନୁପାଳନ ୧୫
ଆଇନ ଅନୁପାଳନର ଫାଇଦା ୧୬
ସାଧାରଣ ଗୋଦାମ ଘର ୧୬
ବାର୍ଷିକ ଫାଇଲିଂ ୧୭
କଂପାନି ସେକ୍ରେଟାରି ନିଯୁକ୍ତି ୧୭
ତଦାରଖ ହେବାକୁ ଥିବା ରେଜିଷ୍ଟର ତାଲିକା ୧୮
ଏଫ୍‌ପିଓ ଲାଇସେନ୍ସ ଏବଂ ପରମିଟ୍ ୧୮

| | |
|---|---|
| ବୈଧାନିକ ଅନୁପାଳନ କ୍ୟାଲେଂଡର | ୧୯ |
| ନୂଆ ନିଗମଗୁଡ଼ିକ ପାଇଁ ଅନ୍ୟାନ୍ୟ ବୈଧାନିକ ଅନୁପାଳନ ବ୍ୟବସ୍ଥା | ୨୦ |
| ବୈଧାନିକ ରେଜିଷ୍ଟର ନାଁ ଓ ଅନୁରୂପ ଅନୁପାଳନ ଫର୍ମ | ୨୧ |
| ଏଫ୍‌ପିଓ ଜରିମାନା | ୨୩ |
| ଏଫ୍‌ପିଓଗୁଡ଼ିକର ସଂଚାଳନ | ୨୪ |
| ସଂସ୍ଥାଗତ ବିବରଣୀ | ୨୫ |
| ସଦସ୍ୟ | ୨୬ |
| ସଦସ୍ୟତା ହାସଲ କରିବାର ଉପାୟ | ୨୬ |
| ସଦସ୍ୟମାନଙ୍କ ଅଧିକାର | ୨୭ |
| ସାଧାରଣ ସଦସ୍ୟ | ୨୭ |
| ନିର୍ଦ୍ଦେଶକ ବୋର୍ଡ(ବିଓଡି) | ୨୮ |
| ଅଫିସ ପଦବୀଧାରୀ | ୨୮ |
| ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) | ୨୯ |
| ଆକାଉ । | ୨୯ |
| ଅନ୍ୟାନ୍ୟ କର୍ମକର୍ତ୍ତା | ୩୦ |
| ଏଫ୍‌ପିଓରେ ବୈଠକ | ୩୧ |
| ବାର୍ଷିକ ସାଧାରଣ ଅଧିବେଶନ(ଏଜିଏମ୍) | ୩୨ |
| ବୋର୍ଡ ବୈଠକ | ୩୨ |
| ସାଧାରଣ ନୀତି ଓ ପରିଚାଳନା ପଦ୍ଧତି | ୩୩ |
| ବିବାଦ ସମାଧାନ | ୩୩ |
| ଆଭ୍ୟନ୍ତରୀଣ ଅଡ଼ିଟ | ୩୪ |
| ବ୍ୟବସାୟ ଯୋଜନା | ୩୪ |
| ଏଫ୍‌ପିଓଗୁଡ଼ିକର ନିରନ୍ତରତା ପାଇଁ ପ୍ରମୁଖ ବିଷୟ | ୩୪ |
| ଏଫ୍‌ପିଓ ପରିସଂସ୍ଥାରେ ଅଂଶୀଦାର | ୩୫ |
| ଜିଲ୍ଲା ସ୍ତରରେ | ୩୫ |
| ରାଜ୍ୟ ସ୍ତରରେ | ୩୬ |
| ଜାତୀୟ ସ୍ତରରେ | ୩୭ |

**ଲକ୍ଷ୍ୟ**

ଏହି ଭାଗର ଉଦ୍ଦେଶ୍ୟ ହେଉଛି ଏଫ୍‌ପିଓଗୁଡ଼ିକର ବୋର୍ଡ ସଦସ୍ୟମାନଙ୍କୁ ଆବଶ୍ୟକ ମୁତାବକ ଗ୍ୟାନ ଏବଂ ନୀତିକୁ ନେଇ ଅବଗତ କରିବା, ଯାହା ଫଳରେ ସେମାନେ ନିଜ ଭୂମିକାକୁ ଠିକ୍ ଭାବେ ନିର୍ବାହ କରିପାରିବେ ଏବଂ ଏଫ୍‌ପିଓଗୁଡ଼ିକୁ ଆକର୍ଷକ ତଥା ସକ୍ରିୟ ପ୍ରତିଷ୍ଠାନ ଭାବେ ରୂପାନ୍ତର କରିପାରିବେ। ଫଳରେ ସେମାନଙ୍କୁ ସଦସ୍ୟମାନେ ଉପକୃତ ହେବେ।

**ଟାର୍ଗେଟ ଗ୍ରୁପ:**କୃଷକ ଉତ୍ପାଦକ ସଂଘଗୁଡ଼ିକର ବୋର୍ଡ ସଦସ୍ୟମାନଙ୍କ ପାଇଁ ଏହି ଭାଗ ଉଦ୍ଦିଷ୍ଟ।

**ଉଦ୍ଦେଶ୍ୟ:**ନିମ୍ନରେ ଏହି ଏଫ୍‌ପିଓ ପୁସ୍ତକର ଉଦ୍ଦେଶ୍ୟ ପ୍ରଦାନ କରାଯାଇଛି।

୧-ଏଫ୍‌ପିଓଗୁଡ଼ିକରେ ଚାଷୀମାନଙ୍କ ଉତ୍ସାହ ବଢ଼ାଇବା, ଏଫ୍‌ପିଓଗୁଡ଼ିକର କାର୍ଯ୍ୟ, ସଂରଚନା ଏବଂ ବ୍ୟବସାୟ ଯୋଜନା ପ୍ରକ୍ରିୟାକୁ ଦ୍ରୁତ କରିବା।

୨-ଏଫ୍‌ପିଓଗୁଡ଼ିକ ପାଇଁ ରହିଥିବା ଆଇନ ଅନୁପାଳନ ବ୍ୟବସ୍ଥାର ଆବଶ୍ୟକତା ଏବଂ ଫାଇଦା ବିଷୟରେ ଅବଗତ କରାଇବା।

୩-ପଞ୍ଜୀକରଣ ଆଇନ ଅଧୀନରେ ଥିବା ବିଭିନ୍ନ ଅନୁପାଳନ ବ୍ୟବସ୍ଥା ସହ ପରିଚିତ ହେବା।

୪-ଏଫ୍‌ପିଓଗୁଡ଼ିକ ପାଇଁ ଥିବା ବିଭିନ୍ନ ପ୍ରକାର ଆଇନମୂଳକ ଲାଇସେନ୍ସ ଏବଂ ପରମିଟ୍ ବିଷୟରେ ଜାଣିବା।

**ଶବ୍ଦ କୋଷ/ଶବ୍ଦର ସଂକ୍ଷିପ୍ତ ରୂପ**

**୧-ଆର୍ଟିକିଲ୍ସ ଅଫ୍ ଆସୋସିଏଶନ(ଏଓଏ):** ସମବାୟ ସମିତି ପାଇଁ ଉଦ୍ଦିଷ୍ଟ ବାଇଲଜ୍ ଭଳି ଏକ ଉତ୍ପାଦକ କଂପାନି ପାଇଁ ଆର୍ଟିକିଲ୍ସ ଅଫ୍ ଆସୋସିଏଶନ(ଏଓଏ) ରହିଛି। ଏକ କଂପାନୀ ପାଇଁ ନିୟମକୁ ଏଓଏ ଉଲ୍ଲିଖିତ କରିଥାଏ ଏବଂ କଂପାନୀର ଉଦେଶ୍ୟ ଏବଂ ସେହି ଉଦେଶ୍ୟ ବା ଲକ୍ଷ୍ୟକୁ ହାସଲ କରିବାର ଉପାୟକୁ ଏହା ପରିଭାଷିତ କରିଥାଏ। ବୋର୍ଡକୁ ଏକ ଏଓଏ ତିଆରି କରିବାକୁ ପଡ଼େ ଏବଂ ସେହି ଏଓଏ ପାଇଁ ରେଜିଷ୍ଟ୍ରାର ଅଫ୍ କଂପାନିଜ୍‌ର ଅନୁମୋଦନ ଲାଭ କରିବାକୁ ପଡ଼ିବ। କେବଳ ଜେନେରାଲ ବଡ଼ି ହିଁ ଏଓଏରେ ସଂଶୋଧନ ଆଣିପାରିବେ ଏବଂ ତାହା ରେଜିଷ୍ଟ୍ରାର ଅଫ୍ କଂପାନିଜ୍ ଦ୍ବାରା ଅନୁମୋଦନ ଲାଭ କରିବା ଦରକାର।

**୨-ବାର୍ଷିକ ସାଧାରଣ ବୈଠକ(ଏଜିଏମ୍):** ଏକ ଏଫ୍‌ପିଓର ଜେନେରାଲ ବଡ଼ି ବାର୍ଷିକ ବୈଠକକୁ ବାର୍ଷିକ ସାଧାରଣ ବୈଠକ ବା ସାଧାରଣ ବୈଠକ କୁହାଯାଇଥାଏ। ଏହି ବୈଠକରେ ଏଫ୍‌ପିଓର ପ୍ରମୁଖ ନୀତିଗତ ନିଷ୍ପତି ଯେପରି ଆର୍ଥିକ ବିବରଣୀ, ବାର୍ଷିକ ଯୋଜନା, ନିବେଶ ଏବଂ ପାଣ୍ଠି ସଂଗ୍ରହ, ଅଡିଟର ନିଯୁକ୍ତି, ବୋର୍ଡ ନିର୍ଦେଶକ ଚୟନ ନିଷ୍ପତି ଆଦି ନିଆଯାଇଥାଏ।

**୩-ଏଗ୍‌ମାର୍ଗ:**କୃଷି ମାର୍କେଟିଂ ସାର୍ଟିଫିକେସନ ବା ପ୍ରମାଣନ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ଅଧୀନ ବିପଣନ ଏବଂ ନିରୀକ୍ଷଣ ନିର୍ଦେଶାଳୟ ଦ୍ୱାରା ଜାରି କରାଯାଇଥାଏ।

**୪-ନିର୍ଦ୍ଦେଶକ ବୋର୍ଡ(ବିଓଡି):**ନୀତି ନିୟମ ନେଇ ନିଷ୍ପତି ନେବା ତଥା ଏଫ୍‌ପିଓ ଏହାର ସଦସ୍ୟମାନଙ୍କ ପାଇଁ ଯେପରି ଠିକ୍ ଭାବେ କାର୍ଯ୍ୟ କରେ ତାହା ସୁନିଶ୍ଚିତ କରିବା ଲାଗି ବୋର୍ଡ ଏକ ସଂଚାଳନ ଟିମ୍ ଭାବେ କାର୍ଯ୍ୟ କରେ। ଜେନେରାଲ ବଡ଼ି(ଜିବି) ବା ଏଫ୍‌ପିଓ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ବାରା ଏକ ଏଫ୍‌ପିଓର ବୋର୍ଡ ଗଠନ ହୋଇଥାଏ।

**୫-ବାଇ ଲଜ୍:**ଏକ ସମବାୟ ସମିତିର କାର୍ଯ୍ୟକାରିତାକୁ ସକ୍ଷମ କରିବା ପାଇଁ ଥିବା ନିୟମଗୁଡ଼ିକୁ ବାଇଲଜ୍ କୁହାଯାଇଥାଏ। ପ୍ରତ୍ୟକ ସମବାୟ ସମିତିଗୁଡ଼ିକର ନିଜସ୍ବ ବାଇଲଜ୍ ଥାଏ। ଏହା ଅଧୀନରେ ହିଁ ସମବାୟ ସମିତିର ସବୁ କାର୍ଯ୍ୟ ହୋଇଥାଏ। ବୋର୍ଡ ପକ୍ଷରୁ ବାଇଲଜ୍ ତିଆରି କରାଯାଇଥାଏ ଏବଂ ଏହାକୁ ନେଇ ସମବାୟ ରେଜିଷ୍ଟ୍ରାରର ଅନୁମୋଦନ ଦରକାର ହୋଇଥାଏ। ବାଇଲଜ୍‌ରେ କୌଣସି ପ୍ରକାର ସଂଶୋଧନ କେବଳ ଜେନେରାଲ ବଡ଼ି ଦ୍ବାରା ହିଁ କରାଯାଇଥାଏ ଏବଂ ଏହା ପାଇଁ ରେଜିଷ୍ଟ୍ରାର ଅଫ୍ କୋପରେଟିଭ୍ସର ଅନୁମୋଦନ ଦରକାର ହୋଇଥାଏ।

**୬ ବଡ଼ି କର୍ପୋରେଟ୍:** ବଡ଼ି କର୍ପୋରେଟ୍ ହେଉଛି ଏକ ଆନୁଷ୍ଠାନିକ ସ୍ବୀକୃତି ପ୍ରାପ୍ତ ସଂସ୍ଥା, ଯାହାକି ସମ୍ପ ି ଅଧିଗ୍ରହଣ, ଧାରଣ ଏବଂ ବ୍ୟବସ୍ଥିତ କରିଥାଏ। ଏହାସହିତ ଚୁକ୍ତିନାମା କରିବା, ମାମଲା ଦାଏର୍ କରିବା ଏବଂ ଏହାର ଉଦେଶ୍ୟ ହାସଲ କରିବା ପାଇଁ ଆବଶ୍ୟକ କରୁଥିବା ଅନ୍ୟ ସବୁ ପ୍ରକାର କାର୍ଯ୍ୟ କରିବାକୁ ହକ୍‌ଦାର। ପଞ୍ଜୀକରଣ ପରେ ଏଫ୍‌ପିଓ ଏକ ବଡ଼ି କର୍ପୋରେଟ୍‌ରେ ପରିଣତ ହୋଇଥାଏ।
**୭-ବୋର୍ଡ ବୈଠକ:**ଏଫ୍‌ପିଓର ବୋର୍ଡ ନିର୍ଦ୍ଦେଶକମାନଙ୍କ ଦ୍ୱାରା ଆୟୋଜନ କରାଯାଉଥିବା ବୈଠକକୁ ବୋର୍ଡ ବୈଠକ କୁହାଯାଇଥାଏ। ଏକ ଏଫ୍‌ପିଓର ବାଇଲଜ୍/ଏଓଏ କେତେ ଥର ଏବଂ କେଉଁ ଉପାୟରେ ବୋର୍ଡ ବୈଠକ ହେବ ତାହା ସ୍ଥିର କରିଥାଏ। ତଥାପି ସର୍ବୋତମ ଅଭ୍ୟାସ ଅନୁସାରେ ବୋର୍ଡ ପ୍ରତି ମାସରେ ଅତି କମ୍‌ରେ ଥରେ ବୈଠକ କରିବ।
**୮-ସମବାୟ ସମିତି:**ସମବାୟ ଅଧିନିୟମ(ଉଦାହରଣ: ଆନ୍ଧ୍ରପ୍ରଦେଶ ମ୍ୟୁଚୁଆଲି ଏଡେଡ୍ କୋପରେଟିଭ୍ ସୋସାଇଟିଜ୍ ଆକ୍ଟ,୧୯୯୫) ଅଧୀନରେ ପଞ୍ଜୀକୃତ ଏକ ଏଫ୍‌ପିଓକୁ ସମବାୟ ସମିତି କୁହାଯାଇଥାଏ।

**୯-ସିଇଓ/ମ୍ୟାନେଜର/ଜେନେରାଲ ମ୍ୟାନେଜର:**ପ୍ରତ୍ୟେକ ଏଫ୍‌ପିଓରେ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) କିମ୍ବା ଅନ୍ୟ କୌଣସି ପଦବୀ ଯେପରି ମ୍ୟାନେଜର, ଜେନେରାଲ ମ୍ୟାନେଜର ରହିବା ଦରକାର। ବୋର୍ଡର ନିର୍ଦ୍ଦେଶ, ଅଧୀକ୍ଷଣ ଏବଂ ନିୟନ୍ତ୍ରଣରେ ସିଇଓ ଏଫ୍‌ପିଓର ସବୁ କାର୍ଯ୍ୟ ସଂଚାଳନ କରିବେ ଏବଂ ଏଫ୍‌ପିଓର ପ୍ରଦର୍ଶନ ପାଇଁ ସେ ଉତରଦାୟୀ।
**୧୦-ଏଫ୍‌ପିଓ(କୃଷକ ଉତ୍ପାଦକ ସଂଘ):** କୃଷି ସଦସ୍ୟଙ୍କ ଦ୍ୱାରା ଅଧୀକୃତ ତଥା ନିୟନ୍ତ୍ରିତ ଏକ ପଞ୍ଜୀକୃତ ସଂଗଠନ ହେଉଛି କୃଷି ଉତ୍‌ପାଦକ ସଂଘ(ଏଫ୍‌ପିଓ)। ନିଜ ସଦସ୍ୟମାନଙ୍କୁ ସାଧାରଣ ଆବଶ୍ୟକତାକୁ ପୂରଣ କରି ସେମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇବା ଏହାର ଉଦେଶ୍ୟ। କୃଷି ଏବଂ ଆନୁସଂଗିକ କ୍ଷେତ୍ରଗୁଡ଼ିକରେ ଭିନ୍ନ ଭିନ୍ନ କାର୍ଯ୍ୟରେ ଏଫ୍‌ପିଓଗୁଡ଼ିକ ଜଡ଼ିତ। ଏଫ୍‌ପିଓଗୁଡ଼ିକ ଔପଚାରିକ ସଂଗଠନ ହୋଇଥିବାରୁ ଏହା ନିଜର କାର୍ଯ୍ୟାଳୟ/ଭି ିଭୂମି, ଷ୍ଟାଫ ଏବଂ ସିଷ୍ଟମ ଆବଶ୍ୟକ କରିଥାଏ। ବୋର୍ଡ ନିର୍ଦ୍ଦେଶକମାନଙ୍କ ଦ୍ୱାରା ଏହା ପରିଚାଳିତ।
**୧୧-ଏଫ୍‌ଏସ୍‌ଏସ୍‌ଏଆଇ:** ଭାରତୀୟ ଖାଦ୍ୟ ନିରାପ । ଏବଂ ମାନକ କର୍ତ୍ତୃପକ୍ଷ(ଏଫ୍‌ଏସ୍‌ଏସ୍‌ଏଆଇ) ପ୍ରମାଣନ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଥାଏ। ଖାଦ୍ୟ ସାମଗ୍ରୀର ନିରାପ । ଏବଂ ମାନକୁ ଏହା ନିୟନ୍ତ୍ରଣ କରିଥାଏ।
**୧୨-ଜିଏସ୍‌ଟି:**ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ହେଉଛି ସାମଗ୍ରୀ ଏବଂ ସେବା ଉପରେ ଏକ ବିସ୍ତୃତ ଟିକସ, ଯାହା ଭାରତର ପରୋକ୍ଷ ଟିକସ ବ୍ୟବସ୍ଥାରେ ସମାନତା ଆଣିଛି।

**୧୩:ଏମ୍‌ଏସ୍‌ଏମ୍‌ଇ ପ୍ରମାଣପତ୍ର:** ଶିଳ୍ପ ବିଭାଗ(ଡିଷ୍ଟ୍ରିକ୍ଟ ମ୍ୟାନେଜର,ଜିଲ୍ଲା ଶିଳ କେନ୍ଦ୍ର) ପକ୍ଷରୁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପ୍ରମାଣପତ୍ର ଜାରି କରାଯାଇଥାଏ।
**୧୪:ପାନ୍:** ସ୍ଥାୟୀ ଆକାଉ  ନମ୍ବର(ପାନ୍) ହେଉଛି ଏକକ ନମ୍ବର, ଯାହାକି ଆୟକର ବିଭାଗ ପକ୍ଷରୁ ବ୍ୟକ୍ତି ବିଶେଷ ଏବଂ ସଂସ୍ଥାଗୁଡ଼ିକୁ ଜାରି କରାଯାଇଥାଏ । ଆୟ କରକୁ ନିୟନ୍ତ୍ରଣ କରିବା ଏହାର ଉଦେଶ୍ୟ।
**୧୫:ଉତ୍ପାଦକ କଂପାନି:** କଂପାନି ଆଇନ ୨୦୧୩ ଅଧୀନରେ ପଞ୍ଜୀକୃତ ଏକ ଏଫ୍‌ପିଓକୁ ଉତ୍ପାଦକ କଂପାନି କୁହାଯାଇଥାଏ। ଉତ୍ପାଦକ କଂପାନି ଅର୍ଥ ଏକ ବଡ଼ି କର୍ପୋରେଟ, ଯାହା ଧାରା ୫୮୧ବିରେ ଧାର୍ଯ୍ୟ ଉଦେଶ୍ୟ ପୂରଣ ଏବଂ କାର୍ଯ୍ୟ କରିଥାଏ। କଂପାନି ଆଇନ ୨୦୧୩ ଅଧୀନରେ ଏହା ଏକ ଉତ୍‌ପାଦକ କଂପାନି ଭାବେ ପଞ୍ଜୀକୃତ ହୋଇଥାଏ।
**୧୬-ପିଜିଏସ୍:ପାର୍ଟିସିପେଟୋରି ଗ୍ୟାରେଣ୍ଟି ସିଷ୍ଟମ(ପିଜିଏସ୍):** ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ଅଧୀନ ସ୍ୱୀକୃତିପ୍ରାପ୍ତ ଏଜେନ୍ସି ଦ୍ବାରା ଏହି ତୃତୀୟ ପକ୍ଷ ପ୍ରମାଣନ ଜାରି କରାଯାଇଥାଏ। ପାର୍ଟିସିପେଟୋରି ଗ୍ୟାରେଣ୍ଟି ସିଷ୍ଟମ(ପିଜିଏସ୍), ଏହା ଏକ କ୍ବାଲିଟି ଆସ୍ୟୋରାନ୍ସ ସିଷ୍ଟମ, ଯାହାକି ସ୍ଥାନୀୟ ପ୍ରମୁଖତା ବହନ କରେ। ଅଂଶୀଦାରମାନଙ୍କ ଯାଗଦାନ ଉପରେ ଏହା ଗୁରୁତ୍ୱ ଦେଇଥାଏ।
**୧୭-ରିଟର୍ନ ଦାଖଲ:**ଆଇନ ଅନୁସାରେ ନିର୍ଦ୍ଦେଶକଙ୍କ ରିପୋର୍ଟ ସହ ପ୍ରତ୍ୟକ ବାର୍ଷିକ ସାଧାରଣ ବୈଠକର କାର୍ଯ୍ୟ, ଅଡିଟ୍ ହୋଇଥିବା ବାଲାନ୍ସ ସିଟ୍ ଏବଂ ଲାଭ କ୍ଷତି ହିସାବ କୋଷାଧ୍ୟକ୍ଷଙ୍କ ନିକଟରେ ଦାଖଲ ହେବା ଦରକାର।

**୧୮-ଟାନ୍:** ଆୟକର ରିହାତି ଏବଂ ଜମା ନିମନ୍ତେ ଟାକ୍ସ ଡିଡକ୍ସନ ଆଣ୍ଡ କଲେକ୍ସନ ଆକାଉଣ୍ଟ ନମ୍ବର(ଟାନ୍) ମଧ୍ୟ ଆୟ କର ବିଭାଗ ପକ୍ଷରୁ ଜାରି କରାଯାଇଥାଏ।

କୃଷି ଉତ୍ପାଦକ ସଂଘ(ଏଫ୍‌ପିଓ)

**କୃଷକ ଉତ୍ପାଦକ ସଂଘ(ଏଫ୍‌ପିଓ)ର କନ୍‌ସେପ୍ଟ**

କୃଷକ ଉତ୍ପାଦକ ସଂଘ ହେଉଛି ଏକ କୃଷକ ସମୁଦାୟ, ଯେଉଁମାନେ ଏକ ଉତ୍ପାଦକତାର ପ୍ରାଥମିକ ଉତ୍ପାଦକ। ଏହା କଂପାନି ଆଇନର ଭାଗ ଆଇଏକ୍ସଏ ଅବା ସଂପୃକ୍ତ ରାଜ୍ୟର ସମବାୟ ସମିତି ଅଧିନିୟମ ଅଧୀନରେ ଗଠିତ ତଥା ପଞ୍ଜୀକୃତ କୃଷକ ଉତ୍ପାଦକ ସଂଘ ହୋଇପାରେ, ଯାହାର ଉଦେ'ଶ୍ୟ ହେଉଛି କୃଷି ଏବଂ ଆନୁଷଂଗିକ କ୍ଷେତ୍ରର ଉତ୍ପାଦନ ଏବଂ ବିପଣନ କ୍ଷେତ୍ରରେ ମିଳିତ ଯୋଗଦାନ ଦେବା।

ଦେଶରେ ଏଫ୍‌ପିଓର ବହୁ ପ୍ରଚଳିତ ପ୍ରକାର ହେଉଛି ଉତ୍ପାଦକ କଂପାନି ଏବଂ ସମବାୟ ସମିତି। ତେବେ ଏକ କୃଷକ ଉତ୍ପାଦକ ସଂଘ(ଏଫ୍‌ପିଓ) ନିମ୍ନଲିଖିତ ଆଇନମୂଳକ ବ୍ୟବସ୍ଥା ମଧ୍ୟରୁ ଯେକୌଣସି ଅଧୀନରେ ପଞ୍ଜୀକରଣ ହୋଇପାରିବ।

୧-ସଂପୃକ୍ତ ରାଜ୍ୟର ସମବାୟ ସମିତି ଆଇନ ଅବା ଅଟୋନୋମସ୍/ ମ୍ୟୁଚୁଆଲି ଏଡେଡ୍ କୋପରେଟିଭ୍ ସୋସାଇଟିଜ୍ ଆକ୍ଟ-ଓଡ଼ିଶା ସମବାୟ ସମିତି ଅଧିନିୟମ,୧୯୬୨

୨-ବହୁ-ରାଜ୍ୟ ସମବାୟ ସମିତି ଆଇନ, ୨୦୦୨

୩-୨୦୧୩ରେ ସଂଶୋଧିତ ଭାରତୀୟ କଂପାନିଜ୍ ଆକ୍ଟ,୧୯୫୬ର ଧାରା ୫୮୧(ସି) ଅଧୀନ ଉତ୍ପାଦକ କଂପାନୀ

୪-୨୦୧୩ରେ ଧାରା ୮ ଭାବେ ସଂଶୋଧିତ ଭାରତୀୟ କଂପାନିଜ୍ ଆକ୍ଟ-୧୯୫୬ର ସେକ୍ସନ ୨୫ କଂପାନି

୫-ସୋସିଇଟି ରେଜିଷ୍ଟ୍ରେସନ୍ ଆକ୍ଟ, ୧୮୬୦ ଅଧୀନରେ ପଞ୍ଜୀକୃତ ସମିତି

୬-ଇଂଡିଆନ ଟ୍ରଷ୍ଟସ ଆକ୍ଟ,୧୮୮୨ ଅଧୀନରେ ପଞ୍ଜୀକୃତ ସାର୍ବଜନିକ ଟ୍ରଷ୍ଟ

କୃଷି ଉତ୍ପାଦନର ଏକତ୍ରୀକରଣ, ମୂଲ୍ୟ ସଂଯୋଗ ଏବଂ ପ୍ରତ୍ୟକ୍ଷ ବିପଣନକୁ ଆଗକୁ ବଢ଼ାଇବା ଏଫ୍‌ପିଓର ଲକ୍ଷ୍ୟ। ସ୍ଥାନୀୟ ଉତ୍ପାଦଗୁଡ଼ିକୁ ନେଇ ଏକ ଏଗ୍ରି ଭ୍ୟାଲ୍ୟୁ ଚେନ୍ ତିଆରି କରିବା ପାଇଁ କୃଷକମାନଙ୍କୁ ମିଳିତ ସାମର୍ଥ୍ୟକୁ ଏହା କାର୍ଯ୍ୟରେ ଲଗାଇଥାଏ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଯେପରି ସେମାନଙ୍କ ସାମଗ୍ରୀର ସର୍ବୋଚ ମୂଲ୍ୟକୁ ହୃଦୟଂଗମ କରିବେ ସେଥିପାଇଁ ଏହା କାର୍ଯ୍ୟ କରିଥାଏ।

**ଏଫ୍‌ପିଓ ସଂରଚନା**

ଏଫ୍‌ପିଓ ହେଉଛି ଏକ ସଂଗଠନ, ଯାହାକି ଏକାଧିକ ଚାଷୀଙ୍କୁ ଏକତ୍ର କରି ଗଠିତ ହୋଇଥାଏ। ପ୍ରାୟ ୧୫ରୁ ୨୦ ଚାଷୀଙ୍କୁ ନେଇ ଏହା ଏକ ଗ୍ରୁପ୍। ଏହାକୁ ଉତ୍ପାଦକ ଗ୍ରୁପ୍ ଅବା ଚାଷୀ ହିତ ଗୋଷ୍ଠୀ(ଏଫ୍ଆଇଜି) ଅବା ଏକ ଜଏଣ୍ଟ ଲାଏବିଲିଟି ଗ୍ରୁପ୍(ଜେଏଲ୍‌ଜି), ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) କୁହାଯାଇପାରେ। ଗ୍ରାମୀଣ ସ୍ତରରେ ଏହି ଉତ୍ପାଦକ ଗ୍ରୁପ୍ ଗଠିତ ହୋଇଥାଏ।

ଏକ ଏଫ୍‌ପିଓ ଗଠନ କରିବା ପାଇଁ ଉତ୍ପାଦକ ଗୋଷ୍ଠୀଗୁଡ଼ିକ ସଂଘବଦ୍ଧ ହୋଇଥାନ୍ତି। ନାବାର୍ଡ ପକ୍ଷରୁ ନିର୍ଦ୍ଧାରିତ ନିୟମ ଅନୁସାରେ,ଏକ ଏଫ୍‌ପିଓ ପ୍ରାୟ ୫୦ଟି ଉତ୍ପାଦକ ସଂଘକୁ ନେଇ ଗଠିତ ହେବା ଉଚିତ। ହାରାହାରି ସଦସ୍ୟ ସଂଖ୍ୟା ୭୦୦ରୁ ୧୦୦୦ ଚାଷୀ ରହିବା ଦରକାର। ସର୍ବନିମ୍ନ ସଦସ୍ୟ ସଂଖ୍ୟା ଉତ୍ପାଦକ ସଂଘର ଆଇନଗତ ଫର୍ମ ଉପରେ ନିର୍ଭର କରେ(ଉଦାହରଣ: ୨୦୧୩ କଂପାନିଜ୍ ଆକ୍ଟ ଅଧୀନରେ ଏକ ଉତ୍ପାଦକ କଂପାନୀ ପଞ୍ଜୀକରଣ କରିବା ପାଇଁ ଅନ୍ୟୁନ ୧୦ଟି ପ୍ରାଥମିକ ଉତ୍ପାଦକ ଲୋଡ଼ା)।

ଏକକ ଟାୟାର ଏଫ୍‌ପିଓ ମଡେଲ:

ଏକକ-ଟାୟାର ମଡେଲରେ ଏକ ଏଫ୍‌ପିସି ସଂଗ୍ରହଠାରୁ ବିପଣନ ଯାଏଁ ବ୍ୟବସାୟିକ କାର୍ଯ୍ୟକୁ ସଂଭାଳିଥାଏ। ବିଶେଷ କରି ଦୁଗ୍ଧ ଚାଷ କ୍ଷେତ୍ରରେ ଏହି ମଡେଲ ସାଧାରଣ। ଡାଏରି ଏଫ୍‌ପିସି କନ୍‌ଚା କ୍ଷୀର ସଂଗ୍ରହଠାରୁ ଆରମ୍ଭ କରି ଏହାକୁ ଥଣ୍ଡା କରିବା, ପେଷ୍ଟ୍ୟୁରିଜେସନ ଏବଂ ମୂଲ୍ୟ-ଯୁକ୍ତ ଉତ୍ପାଦ ଉତ୍ପାଦନ ଓ ଏହି ପ୍ରଡ଼କ୍ଟଗୁଡ଼ିକର ବିପଣନ ସବୁ କାର୍ଯ୍ୟ କରିଥାନ୍ତି।

## ଦୁଇ ଟାୟାରବିଶିଷ୍ଟ ଏଫ୍‌ପିଓ ମଡେଲ-ମାର୍କେଟ ଫେସିଂ କଂପାନୀ(ଏମ୍‌ଏଫ୍‌ସି)

ଅଧିକାଂଶ ଉତ୍ପାଦକ କଂପାନୀ ଏକାକୀ ପରିଚାଳିତ ସଂସ୍ଥା ଭାବେ କାର୍ଯ୍ୟ କରୁଥିବାବେଳେ କେତେକ ଏକ ଟାୟାରର୍ଡ ଷ୍ଟ୍ରକ୍‌ଚରର ଅଂଶ ଭାବେ କାର୍ଯ୍ୟ କରନ୍ତି, ଯେଉଁଥିରେ ଭିନ୍ନ ଭିନ୍ନ କାର୍ଯ୍ୟ ଏବଂ ଭୂମିକା ତୁଲାଉଥିବା ଏକାଧିକ ଉତ୍ପାଦକ କଂପାନୀ ଥାନ୍ତି। ବ୍ଲକ ଏବଂ ଜିଲ୍ଲା ସ୍ତରରେ ଅଧିକାଂଶ ଉତ୍ପାଦକ କଂପାନୀ ଏକ ଦୁଇ-ଟାୟାର ଷ୍ଟ୍ରକ୍‌ଚରରେ ବ୍ୟବସ୍ଥିତ ଥାନ୍ତି। ଏମ୍‌ଏଫ୍‌ସି ଗୁଡ଼ିକର ମହାସଂଘକୁ ମାର୍କେଟ ଫେସିଂ କଂପାନୀ ବି କୁହାଯାଇଥାଏ। ଏହି ମାର୍କେଟ ଫେସିଂ କଂପାନୀ ଏକ ପ୍ରାଇଭେଟ୍ ଲିମିଟେଡ କଂପାନୀ ଭାବେ ପଞ୍ଜୀକୃତ ହୋଇପାରିବ। ଅଧିକାଂଶ ଏଫ୍‌ପିସିରେ ହାରାହାରି ୨୦୦ରୁ ୫୦୦ ସଂଖ୍ୟକ ଉତ୍ପାଦକ ଅଂଶୀଦାର ରହିଥାନ୍ତି। ଉତ୍ପାଦକଙ୍କ ସ୍ୱାର୍ଥ ସହ ସମାଂତରାଳ ଲାଗି ଏମ୍‌ଏଫ୍‌ସି ବୋର୍ଡରେ ଯୋଗାଣକାରୀ ଉତ୍ପାଦକ କଂପାନି ଏବଂ ଚାଷୀଙ୍କର ନିଜସ୍ୱ ଉଲ୍ଲେଖନୀୟ ସେୟାର ଏବଂ ମଜଭୁତ ଉପସ୍ଥିତି ଥିବା ଦରକାର।

## କୃଷକ ଉତ୍ପାଦକ କଂପାନି ବନାମ ସମବାୟ ସମିତି

ଏକ ଉତ୍ପାଦକ ସମବାୟ ସଂସ୍ଥା ଏବଂ ଉତ୍ପାଦକ କଂପାନି ମଧ୍ୟରେ ପ୍ରମୁଖ ପ୍ରଭେଦ

**ବୈଶିଷ୍ଟ୍ୟ  ଉତ୍ପାଦକ ସମବାୟ ସଂସ୍ଥା  ଉତ୍ପାଦକ କଂପାନୀ**

ପଞ୍ଜୀକରଣ ସମବାୟ ସମିତି ଆଇନ ୧୯୫୯ କମ୍ପାନୀ ଆଇନ ୧୯୫୬

କାର୍ଯ୍ୟକ୍ଷେତ୍ର ରାଜ୍ୟ ମଧ୍ୟରେ କ୍ଲଷ୍ଟର, ତହସିଲ ଏବଂ ଜିଲ୍ଲା ମଧ୍ୟରେ ସୀମିତ  ସମଗ୍ର ଦେଶ

ସଦସ୍ୟତା  ବ୍ୟକ୍ତିବଶେଷଙ୍କ ପାଇଁ ଖୋଲା। ଅନ୍ୟ ସମବାୟ ସଂସ୍ଥା ଏବଂ ସମିତି ମଧ୍ୟ ସଦସ୍ୟ ହୋଇପାରିବେ  ଯେକୌଣସି ବ୍ୟକ୍ତିଗତ ଉତ୍ପାଦକ, ସାମଗ୍ରୀ ଏବଂ ସେବା ସହ ଜଡ଼ିତ ଉତ୍ପାଦକଙ୍କ ଗ୍ରୁପ୍ ତଥା ସଂଘ ସଦସ୍ୟ ହୋଇପାରିବେ

ଅନ୍ୟ କଂପାନି/ବିଜ୍‌ନେସ୍ ହାଉସ୍/ଏନ୍‌ଜିଓ ସହ ସଂପର୍କ କାରବାର ଭିତିକ ଉତ୍ପାଦକ ଏବଂ କର୍ପୋରେଟ ସଂସ୍ଥା ମିଳିତ ହୋଇ ଏକ ଉତ୍ପାଦକ କମ୍ପାନୀ ଆଣିପାରିବେ

ଶେୟାର  ଟ୍ରେଡିଂ ତଥା ଟ୍ରାନ୍ସଫର ଯୋଗ୍ୟ ନୁହେଁ ଟ୍ରେଡିଂ ଯୋଗ୍ୟ ନୁହେଁ।  ବୋର୍ଡରୁ ପ୍ରାକ୍ ମଞ୍ଜୁରି ଉପରେ ଏହାର ଟ୍ରାନ୍ସଫର ନିର୍ଭର କରେ। ସମମୂଲ୍ୟରେ ଏହା ସକ୍ରିୟ ସଦସ୍ୟଙ୍କୁ ଟ୍ରାନ୍ସଫର କରିହେବ।

ଭୋଟିଂ ଅଧିକାର ଏକ ବ୍ୟକ୍ତି ଏକ ଭୋଟ କିନ୍ତୁ ସରକାର ଓ ଆର୍‌ସିଏସ୍ ନିକଟରେ ଭିଟୋ ପାୱାର ଏକ୍ ବ୍ୟକ୍ତି ଏକ ଭୋଟ। କଂପାନି ସହ କାରବାର ନ ଥିବା ପକ୍ଷ ଭୋଟ୍ କରିପାରିବେ ନାହିଁ ରିଜର୍ଭ ଲାଭ ଥିଲେ ତିଆରି କରାଯାଏ  ବୋର୍ଡ ନିଷ୍ପତ୍ତି ଉପରେ ନିର୍ଭର କରେ

ରେଜିଷ୍ଟ୍ରିଂ ଅଥରିଟିର ଭୂମିକା ଉଲ୍ଲେଖନୀୟ ନ୍ୟୁନ ପ୍ରଶାସନିକ ନିୟନ୍ତ୍ରଣ ସମବାୟ ବିଭାଗର ଅଧିକ ନିୟନ୍ତ୍ରଣ। ଅଧିକ ହସ୍ତକ୍ଷେପ  ବୋର୍ଡ ଦ୍ୱାରା ସର୍ବାଧିକ ନିୟନ୍ତ୍ରଣ। ରେଜିଷ୍ଟ୍ରାର ଅଫ୍ କମ୍ପାନିଜ୍ ଦ୍ୱାରା ସର୍ବନିମ୍ନ ନିୟନ୍ତ୍ରିତ

ବରୋଇଂ ପାୱାର  ବାଇଜ୍‌ରେ ସୀମିତ ସାଧାରଣ ବୈଠକରେ ନିର୍ଦ୍ଦିଷ୍ଟ ରିଜୋଲ୍ୟୁସନ ଦ୍ୱାରା ବରୋଇଂ ପାୱାର ଧାର୍ଯ୍ୟ। ଏହାକୁ ବଢ଼ାଇବା ପାଇଁ କଂପାନୀଗୁଡ଼ିକ ନିକଟରେ ଅଧିକ କ୍ଷମତା ରହିଛି। ବିବାଦ ସମାଧାନ ସମବାୟ ଢ଼ା । ମାଧ୍ୟମରେ ମଧ୍ୟସ୍ଥତା ମାଧ୍ୟମରେ

-କୃଷକ ଉତ୍ପାଦକ କଂପାନୀ ହେଉଛି ଏକ ପ୍ରାଇଭେଟ୍ ଲିମିଟେଡ୍ କଂପାନୀ ଏବଂ ସମବାୟ ସମିତି ମଧ୍ୟରେ ଏକ ହାଇବ୍ରିଡ୍ ସଂସ୍ଥା। ତେଣୁ ଏହା ଏକ  ପ୍ରାଇଭେଟ୍ ଲିମିଟେଡ୍ କଂପାନୀର ପେସାଦାର ପରିଚାଳନା ଲାଭ ପାଇଥାଏ। ତା'ସହିତ ସମବାୟ ସମିତିର ପାରସ୍ପରିକ ଫାଇଦା ପାଏ।

-ଏକ ଉତ୍ପାଦକ କଂପାନିର ମାଲିକାନା ଏବଂ ସଦସ୍ୟତା କେବଳ ପ୍ରାଥମିକ ଉତ୍ପାଦକତା ତଥା ଉତ୍ପାଦକ ସଂସ୍ଥା ପାଖରେ ରହିଥାଏ। ସଦସ୍ୟଙ୍କ ଇକ୍ୱିଟିର ଟ୍ରେଡିଂ ହୋଇପାରେ ନାହିଁ। ତେଣୁ କୌଣସି ବ୍ୟକ୍ତି ତଥା ସଂସ୍ଥା କଂପାନିକୁ  ଅଧିଗ୍ରହଣ କରିପାରିବେ ନାହିଁ ଅବା ପ୍ରାଥମିକ ଉତ୍ପାଦକଙ୍କୁ ସେମାନଙ୍କ ସଂସ୍ଥାରୁ ହଟାଇ ପାରିବେ ନାହିଁ।

-ପ୍ରାଇଭେଟ ଲିମିଟେଡ କଂପାନୀଗୁଡ଼ିକ ପାଇଁ ଧାରା ଉତ୍ପାଦକ କଂପାନୀ ପାଇଁ ପ୍ରଯୁଜ୍ୟ ହେବ। ଉତ୍ପାଦକ କଂପାନୀ ଅଧିନିୟମରେ ୫୮୧-ଏରୁ ୫୮୧ଜେଡ୍‌ଏଲ୍‌ରେ ଉଲ୍ଲିଖିତ ଧାରା ବ୍ୟତୀତ ପ୍ରାଇଭେଟ ଲିମିଟେଡ କଂପାନୀଗୁଡ଼ିକ ପାଇଁ ଧାରା ଉତ୍ପାଦକ କଂପାନୀ ପାଇଁ

ପ୍ରଯୁଜ୍ୟ ହେବ, ଯାହା ଏହାକୁ ଏକ ସାଧାରଣ ଘରୋଇ ତଥା ଲିମିଟେଡ୍ କଂପାନୀଠାରୁ ଭିନ୍ନ କରିଥାଏ ଏବଂ ଏକ ଉତ୍ପାଦକ କଂପାନୀ ପାଇଁ ପେସାଦାର ଢ଼ାନ୍‌ଚା ପ୍ରସ୍ତୁତ କରେ।

-ସଦସ୍ୟଙ୍କ ଲାଏବିଲିଟି ସେମାନଙ୍କ ନିକଟରେ ଥିବା ସେୟାରଗୁଡ଼ିକର ଅନାଦାୟ ପରିମାଣ ମଧ୍ୟରେ ସୀମିତ। ଏଣୁ ସଦସ୍ୟମାନଙ୍କ ପ୍ରାଇଭେଟ ଆସେଟ କଂପାନୀର କ୍ଷତିଠାରୁ ନିରାପଦ।

-ଏକ ଏଫ୍‌ପିଓ ପାଇଁ କୌଣସି ପେଡ୍‌-ଅପ୍ କ୍ୟାପିଟାଲ ନାହିଁ। ଏଣୁ ଏହି କ୍ଷୁଦ୍ର ପୁଞ୍ଜିକୁ ଗତିଶୀଳ କରି ଏକ ଉତ୍ପାଦକ କଂପାନୀ ଆରମ୍ଭ କରିବା ସହଜ।

-ଏକ ଏଫ୍‌ପିସି ଗଠନ କରିବା ପାଇଁ ଅନ୍ୟୁନ ୧୦ଟି ଉତ୍ପାଦକ ଲୋଡ଼ା। ସର୍ବାଧିକ ସଦସ୍ୟ ସଂଖ୍ୟା ପାଇଁ କୌଣସି ସୀମା ନାହିଁ। ଆବଶ୍ୟକତା ଅନୁସାରେ ସଦସ୍ୟ ସଂଖ୍ୟା ବଢ଼ାଯାଇପାରିବ। ୧୦ ଜଣ ଲୋକ ମିଶି ଏକ ଉତ୍ପାଦକ କଂପାନୀ ଆରମ୍ଭ କରିପାରିବେ, ଯାହାକି ଅତି ସହଜ।

-ଉତ୍ପାଦକ କଂପାନୀରେ କୌଣସି ସରକାରୀ କିମ୍ବା ଘରୋଇ ଇକ୍ୱିଟି ଅଂଶଧନ ରହିପାରିବ ନାହିଁ। ଏହାର ଅର୍ଥ ଏଫ୍‌ପିସି ଏକ ପବ୍ଲିକ କିମ୍ବା ଡିମ୍‌ଡ ପବ୍ଲିକ ଲିମିଟେଡ୍ କଂପାନୀ ହୋଇପାରିବ ନାହିଁ। ଏଣୁ ଏହି କଂପାନୀର ପେସାଗତ କାର୍ଯ୍ୟରେ ଅନ୍ୟାନ୍ୟ କର୍ପୋରେଟ୍ ଥ୍ରେଟ୍ ରହିବ ନାହିଁ।

-ଏକ ଏଫ୍‌ପିସିର କାରବାର କ୍ଷେତ୍ର ସମଗ୍ର ଦେଶ ପରିବ୍ୟାପ୍ତ। ଏଣୁ ଏମାନେ ସମଗ୍ର ଦେଶରେ ଖୋଲାଖୋଲି ତଥା ପେସାଦାର ଭାବେ ବ୍ୟବସାୟ ବଢ଼ାଇପାରିବେ।

-ଏଫ୍‌ପିଓ ଏହାର ସଦସ୍ୟମାନଙ୍କୁ ବିଭିନ୍ନ ପ୍ରକାର ସେବା ପ୍ରଦାନ କରିଥାଏ। ଚାଷକାର୍ଯ୍ୟର ସମସ୍ତ ଦିଗକୁ ଏହା କଭର କରିଥାଏ। ଉତ୍ପାଦନଠାରୁ ବୈଷୟିକ ସେବା, ପ୍ରକ୍ରିୟାକରଣ ଏବଂ ବିପଣନ ଯାଏ ଏହାର ପରିସର ଲମ୍ବିଛି।

**ଏକ ଏଫ୍‌ପିଓ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକ ମଧ୍ୟରେ ରହିଛି ଆର୍ଥିକ, ବ୍ୟବସାୟିକ ଏବଂ କଲ୍ୟାଣମୂଳକ ସେବା। ଏକ ଏଫ୍‌ପିଓ ପକ୍ଷରୁ ପ୍ରଦାନ କରାଯାଉଥିବା ସେବାର ଏକ ସୂଚକ ତାଲିକା ହେଉଛି:**

**-ଆର୍ଥିକ ସେବା:**ଏକ ଏଫ୍‌ପିଓ ଫସଲ ପାଇଁ ଋଣ ଦେଇପାରେ। ଟ୍ରାକ୍ଟର ଏବଂ ପମ୍ପ ସେଟ୍ କ୍ରୟ, କୂପ ନିର୍ମାଣ ଏବଂ ପାଇପ୍‌ଲାଇନ୍ ବିଛାଇବା ପାଇଁ ମଧ୍ୟ ଏହା ଋଣ ଦେଇପାରେ।

**-ଇନ୍‌ପୁଟ୍ ଯୋଗାଣ ସେବା:**ଏକ ଏଫ୍‌ପିଓ ଏହାର ସଦସ୍ୟ ଚାଷୀଙ୍କୁ କମ୍ ମୂଲ୍ୟରେ ଉତମମାନର ସାର, କୀଟନାଶକ, ପମ୍ପ ସେଟ୍, ଅନ୍ୟାନ୍ୟ ଉପକରଣ ଏବଂ ପାଇପ୍‌ଲାଇନ୍ ପ୍ରଦାନ କରିପାରେ। ଏଫ୍‌ପିଓଗୁଡ଼ିକ ବୀଜ, ସାର, କୀଟନାଶକ ଆଦି ଅତ୍ୟାବଶ୍ୟକ ଉତ୍ପାଦ ବିପୁଳ ଆକାରରେ କିଣି ଏହାକୁ ନିଜର ରିଟେଲ ଆଉଟ୍‌ଲେଟ୍ ଜରିଆରେ ବିକ୍ରି କରିଥାନ୍ତି। ଚାଷୀଙ୍କୁ ଖର୍ଚ୍ଚ କମାଇବା ପାଇଁ ଏଫ୍‌ପିସି ବଜାର ମୂଲ୍ୟରୁ କମ୍‌ରେ ଏସବୁ ସାମଗ୍ରୀ ଯୋଗାଇଥାନ୍ତି।

**-ସଂଗ୍ରହ ଏବଂ ପ୍ୟାକେଜିଂ ସେବା:** ଏଫ୍‌ପିଓ ଏହାର ସଦସ୍ୟ ଚାଷୀଙ୍କଠାରୁ ଦ୍ରବ୍ୟ ସଂଗ୍ରହ କରିଥାଏ। ଏହା ମଧ୍ୟ ସାମଗ୍ରୀର ଭଂଡାରଣ, ମୂଲ୍ୟ ସଂଯୋଗ ଏବଂ ପ୍ୟାକେଜିଂ ଆଦି ସେବା ପ୍ରଦାନ କରିଥାଏ।

**-ଆଉଟ୍‌ପୁଟ୍ ମାର୍କେଟିଂ ସେବା:** ସାମଗ୍ରୀ ସଂଗ୍ରହ ପରେ ଏଫ୍‌ପିଓଗୁଡ଼ିକ ସାମଗ୍ରୀର ପ୍ରତ୍ୟକ୍ଷ ବିପଣନ କରିପାରିବେ। ଚାଷୀଙ୍କଠାରୁ ଉତ୍ପାଦ ସଂଗ୍ରହ ଏବଂ ବଡ଼ ବଡ଼ ବ୍ୟବସାୟୀ ଏବଂ କଂପାନୀଗୁଡ଼ିକୁ ଏହାକୁ ଉଚିତ ଦରରେ ବିକ୍ରି କରିବା କ୍ଷେତ୍ରରେ ବିଭିନ୍ନ ପ୍ରକାର ଆହ୍ୱାନ ଏବଂ ସୁଯୋଗ ରହିଥାଏ। ଅଧିକାଂଶ ଏଫ୍‌ପିଓ ସେମାନଙ୍କୁ ଉତ୍ପାଦକ ପାଇଁ ବଜାର ସଂଯୋଗ ତିଆରି କରିବାରେ ସଫଳ ହୋଇଛନ୍ଧି। ନିଜ ସାମଗ୍ରୀ ବିକ୍ରି ପାଇଁ ସେମାନେ ବଡ଼ ବଡ଼ ରିଟେଲରମାନଙ୍କୁ ସହ ସହଯୋଗିତା ସ୍ଥାପନ କରିଛନ୍ତି ଏବଂ ଉଚିତ ମୂଲ୍ୟ ପାଇବାରେ ସଫଳ ହୋଇଛନ୍ତି। ଓଡ଼ିଶାରେ ଅଧିକାଂଶ ଏଫ୍‌ପିଓ ରାଜ୍ୟ ସରକାରଙ୍କୁ ସହାୟତାରେ ସେମାନଙ୍କ ଉତ୍ପାଦର ବିପଣନ ପାଇଁ ରିଟେଲ ଆଉଟ୍‌ଲେଟ୍ ସ୍ଥାପନ କରିଛନ୍ତି। ଦ୍ରବ୍ୟର ମୂଲ୍ୟ ସଂଯୋଗ, ପ୍ରକ୍ରିୟାକରଣ ଏବଂ ବ୍ରାଣ୍ଡିଂ କରି ଅଧିକାଂଶ ଏଫ୍‌ପିଓ ସେମାନଙ୍କୁ ସେବା ସମ୍ପ୍ରସାରଣ

କରିଛନ୍ତି। ଏହାଦ୍ୱରା ସେମାନେ ସମୟ ଏମଂ ଟ୍ରାଞ୍ଜାକ୍ସନ ଖର୍ଚ୍ଚ କମାଇଛନ୍ତି। ଏହାସହିତ ଓଜନ ହ୍ରାସ, ବିକ୍ରିଜନିତ ଚିନ୍ତା, ମୂଲ୍ୟରେ ଉତ୍ଥାନ ପତନ ଆଦି ଚିଂତା ଦୂର ହୋଇଛି। ପରିବହନ ଏବଂ କ୍ୱାଲିଟି ମେଣ୍ଟେନାନ୍ସ ବାବଦ ଖର୍ଚ୍ଚ କମିଛି।

**-କଷ୍ଟମ ହାୟାରିଂ ସେଣ୍ଟର(ସିଏଚ୍‌ସି):** କଷ୍ଟମ ହାୟାରିଂ ସେଣ୍ଟର(ସିଏଚ୍‌ସି) ହେଉଛି ଏକ ୟୁନିଟ୍, ଯାହା ଚାଷୀମାନଙ୍କୁ କଷ୍ଟମ୍ ହାୟାରିଂ(ଭଡ଼ା ଉଦେଶ୍ୟରେ)ପାଇଁ କୃଷି ଉପକରଣ, ହତିଆର ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଇଥାଏ। ଏହାର ମୁଖ୍ୟ ଉଦେଶ୍ୟ ହେଉଛି, କ୍ଷୁଦ୍ର, ନାମମାତ୍ର ଏବଂ ଦରିଦ୍ର୍ୟ ଚାଷୀଙ୍କୁ ରିହାତି ମୂଲ୍ୟରେ ଭଡ଼ା ସୂତ୍ରରେ କୃଷି ଉପକରଣ ଯୋଗାଇବା। କୃଷି କାର୍ଯ୍ୟ ବାବଦରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଖର୍ଚ୍ଚ କମାଇବା ଏହାର ଲକ୍ଷ୍ୟ। ଏଫ୍‌ପିଓଗୁଡ଼ିକ ସିଏଚ୍‌ସି ସ୍ଥାପନ କରିପାରିବେ। ରାଜ୍ୟରେ ଅଧିକାଂଶ ଏଫ୍‌ପିଓ କେନ୍ଦ୍ରୀୟ ଏବଂ ରାଜ୍ୟ ସ୍କିମ୍‌ଗୁଡ଼ିକ ସହାୟତାରେ ଏଭଳି କରିଛନ୍ତି।

**ବୀମା ସେବା:**ଏକ ଏଫ୍‌ପିଓ ଏହାର ଚାଷୀ ସଦସ୍ୟଙ୍କୁ ବୀମା ସେବା ମଧ୍ୟ ପ୍ରଦାନ କରିପାରେ। ଏହି ବୀମାଗୁଡ଼ିକ ମଧ୍ୟରେ ରହିଛି ଫସଲ ବୀମା, ଇଲେକ୍ଟ୍ରିକ୍ ମୋଟର ବୀମା ଏବଂ ଜୀବନ ବୀମା।

**ବୈଷୟିକ ସେବା**:ଏଫ୍‌ପିଓଗୁଡ଼ିକ କୃଷିକାର୍ଯ୍ୟର ସର୍ବୋତମ ଉପାୟକୁ ତ୍ୱରାନ୍ୱିତ କରିପାରିବେ। ମାର୍କେଟିଂ ଇନ୍‌ଫର୍ମେସନ ସିଷ୍ଟମ୍‌କୁ ରକ୍ଷଣାବେକ୍ଷଣ କରିପାରିବେ। କୃଷି ଉତ୍ପାଦନ ଏବଂ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣରେ ଆବଶ୍ୟକ ଦକ୍ଷତା ସ୍ତରକୁ ବଢ଼ାଇପାରିବେ। ଏହା ଉତ୍ପାଦରେ ମୂଲ୍ୟ ସଂଯୋଗ କରେ। ଏଫ୍‌ପିଓ ଏହାର ସଦସ୍ୟମାନଙ୍କୁ ପାଇଁ ସୂଚନା ବିତରଣର ଉତ୍ସ ଭାବେ କାର୍ଯ୍ୟ କରିପାରେ।

**ନେଟ୍‌ୱର୍କିଂ ସେବା:**ଏଫ୍‌ପିଓଗୁଡ଼ିକ ସୂଚନାର ବିଭିନ୍ନ ଚ୍ୟାନେଲ ତିଆରି କରିପାରିବେ। ଉଦାହରଣ:(ଉତ୍ପାଦର ବିଶେଷତ୍ୱ ବଜାର ମୂଲ୍ୟ)। ଗ୍ରାମୀଣ ଉତ୍ପାଦକଙ୍କ ନିକଟରେ ଅନ୍ୟାନ୍ୟ ବ୍ୟବସାୟିକ ସେବା ପହଂଚାଇବା, ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ସହ ସଂଯୋଗ ବଢ଼ାଇବା, ଉତ୍ପାଦକ, ପ୍ରୋସେସର, ଟ୍ରେଡର ଏବଂ ଖାଉଟଙ୍କ ମଧ୍ୟରେ ସଂଯୋଗ ବଢ଼ାଇବା, ସରକାରୀ ସ୍କିମ୍‌ଗୁଡ଼ିକ ସହ ଲିଙ୍କେଜ୍ ତିଆରି କରିବା ଏହାର ପରିସରଭୁକ୍ତ। **ଏଫ୍‌ପିଓ ଗଠନ ପ୍ରକ୍ରିୟା କ୍ଲଷ୍ଟର ଚିହ୍ନଟ**

ପ୍ରମୁଖ ଅଂଶୀଦାରମାନଙ୍କ ପରାମର୍ଶରେ କ୍ଲଷ୍ଟର ଏରିଆ ଚୟନ ହୋଇଥାଏ। ଏହା ନିଶ୍ଚିତ ହେବା ଦରକାର ଯେ, ଏକ ନିର୍ଧିଷ୍ଟ ଜିଲ୍ଲାର ୮୦ରୁ ୧୨୦ ସଂଲଗ୍ନ ଗ୍ରାମ ଚିହ୍ନଟ କରି ୧ରୁ ୨ଟି ବ୍ଲକ୍ ମଧ୍ୟରେ ୮,୦୦୦ରୁ ୧୦,୦୦୦କୃଷକଙ୍କ ଏକ କ୍ଲଷ୍ଟର ଗଠନ କରାଯିବା ଉଚିତ। **ଡାଏଗ୍ନୋଷ୍ଟିକ୍ ଷ୍ଟଡି ଏବଂ ଫିଜିବିଲିଟି ଆନାଲିସିସ୍**

କ୍ଲଷ୍ଟର ଏରିଆରେ କୃଷକଙ୍କ ପ୍ରାଥମିକ ସ୍ଥିତି ଏବଂ କୃଷି ସ୍ତରର ମୂଲ୍ୟାଙ୍କନ ପାଇଁ ଡାଏଗ୍ନୋଷ୍ଟିକ୍ ଅଧ୍ୟୟନ କରାଯାଏ। ନିଯୁକ୍ତ ବାହ୍ୟ ଏକ୍ସପର୍ଟଙ୍କ ଦ୍ୱାରା ଏଫ୍‌ପିସି ଗଠନ ପାଇଁ ସମ୍ଭାବ୍ୟ ବିଶ୍ଳେଷଣ ଏବଂ ମୂଲ୍ୟାଙ୍କ ନ କରାଯିବା ଉଚିତ।

**ବେସ୍‌ଲାଇନ୍ ଆସେସ୍‌ମେଣ୍ଟ** ଷଟିଫାଏଡ୍ ରାଣ୍ଡମ ସାମ୍ପ୍ଲିଂ, ବ୍ୟବସ୍ଥିତ ଘରୋଇ ସ୍ତରୀୟ ସାକ୍ଷାତ୍କାର ଏବଂ ଫୋକସ୍ ଗ୍ରୁପ୍ ଡିସ୍‌କସନ ବ୍ୟବହାର କରି ମୂଲ୍ୟାଙ୍କନ ସମ୍ଭାବ୍ୟ ହସ୍ତକ୍ଷେପ, ବ୍ୟବସାୟ ଯୋଜନା ଚିହ୍ନଟ କରିବା ଏବଂ ଭବିଷ୍ୟତର ଫଳାଫଳ ସୂଚକାଙ୍କ ପାଇଁ ଆଧାର ଆକଳନ ପ୍ରତିଷ୍ଠା କରିବା ପାଇଁ କାରକଗୁଡ଼ିକୁ କଭର କରିବ।

**ବ୍ୟବସାୟ ଯୋଜନା**

କୃଷକମାନଙ୍କ ପ୍ରତିନିଧିଙ୍କ ସହାୟତାରେ ଉତ୍ପାଦକ ସଂଘ ଦ୍ବାରା ସଠିକ ପୂର୍ବାନୁମାନ ସହିତ ରଣନୀତିକ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏଫ୍‌ପିଓର ଅନ୍ୟୁନ ୧୦% ସଦସ୍ୟ ସେମାନଙ୍କୁ ସ୍ପଷ୍ଟ ଦୂରଦୃଷ୍ଟି ପ୍ରଦାନ କରିବା ଦରକାର।

**କୃଷକଙ୍କ ଗତିଶୀଳ କରିବା**

ଏକାଧିକ ଯୋଗାଯୋଗ ଉପକରଣ ଯେପରି ପାମ୍ପଲେଟ୍, ଡକ୍ୟୁମେଣ୍ଟାରି ଚଳଚିତ୍ର, ନିୟମିତ ବୈଠକ, ପ୍ରୋତ୍ସାହକ କୃଷକ ସଦସ୍ୟଙ୍କ ସଠିକ ଦୃଷ୍ଟିଭଙ୍ଗି ବିକାଶ ସହିତ କୃଷକମାନଙ୍କ ଏଫ୍‌ଆଇଜି ଭାବେ ଗତିଶୀଳ କରାଯାଇଥାଏ। ସାଧାରଣତଃ ୫୦ରୁ ୭୦ ଏଫ୍‌ଆଇଜି ଏକତ୍ର ହୋଇ ଏକ ଏଫ୍‌ପିଓ ଗଠନ କରନ୍ତି।

**ପଞ୍ଜୀକରଣ**

ଚୂଡ଼ାନ୍ତ ଫର୍ମ, ଯାହାକୁ ଏକ ଏଫ୍‌ପିଓ ଅନୁମାନ କରେ(ଉଦାହରଣ: ସମବାୟ ସଂସ୍ଥା, ଉତ୍ପାଦକ କଂପାନି, ବହୁ-ରାଜ୍ୟ ସମବାୟ ସଂସ୍ଥା ଇତ୍ୟାଦି) ତାହା ଏଫ୍‌ଆଇଜି ସଦସ୍ୟଙ୍କ ଦ୍ବାରା ନିଆଯାଇଥିବା ଏକ ଉପଯୁକ୍ତ ନିଷ୍ପତି ହୋଇଥିବା ଦରକାର। ୯ରୁ ୧୨ ମାସ ମଧ୍ୟରେ ଏଫ୍‌ପିଓ ପଞ୍ଜୀକରଣ ହୋଇଥାଏ।

**ସମ୍ବଳ ତିଆରି କରିବା**

ବ୍ୟବସାୟିକ ଯୋଜନା ଅନୁସାରେ ଆର୍ଥିକ, ମାନବ, ବୈଷୟିକ ଏବଂ ଫିଜିକାଲ ରିସୋର୍ସ ତିଆରି ହେବା ଦରକାର।

**ଏମ୍ଆଇଏସ୍ ଡେଭେଲପ୍‌ମେଣ୍ଟ ଆଣ୍ଡ ବିଜ୍‌ନେସ ଅପରେସନ**

ଅର୍ଥ, ମାନବ ସମ୍ବଳ, ଷ୍ଟକ ଏବଂ ଇନ୍‌ଭେଣ୍ଟୋରି, କ୍ରୟ ଏବଂ ଗୁଣବତା ପରିଚାଳନା, ମାର୍କେଟିଂ, ଆଭ୍ୟନ୍ତରୀଣ ବିବାଦର ସମାଧାନ ପାଇଁ ସିଷ୍ଟମ ଏବଂ ଏସ୍ଓପି। ବ୍ୟବସାୟିକ କାରବାର ଆରମ୍ଭ ଯେପରି, ଏକ ଏଫ୍‌ପିଓର କ୍ରୟ, ଉତ୍ପାଦନ, ପ୍ରକ୍ରିୟାକରଣ, ମାର୍କେଟିଂ ଏବଂ ଆର୍ଥିକ ସେବା କାର୍ଯ୍ୟକଳାପ।

**ଅଡିଟ୍ ମୂଲ୍ୟାୟନ**

ଏଫ୍‌ପିଓର ପ୍ରଦର୍ଶନ ନେଇ ପିଆଇଗୁଡ଼ିକୁ ନିରଂତର ମୂଲ୍ୟାୟନ କରିବାକୁ ପଡ଼ିଥାଏ। ବିକାଶ କ୍ଷେତ୍ରଗୁଡ଼ିକୁ ବୁଝିବା ପାଇଁ ପିଆଇଗୁଡ଼ିକ ଆନୁଷ୍ଠାନିକ ମାଚ୍ୟୁରିଟି ସୂଚକାଙ୍କ ର ବ୍ୟବହାର କରିଥାନ୍ତି। ଆଭ୍ୟନ୍ତରୀଣ ପ୍ରକ୍ରିୟା ଏବଂ ଆକାଉଣ୍ଟିଂ ଅଡ଼ିଟ୍ ସ୍ୱଚ୍ଛତା ଏବଂ ଉତରଦାୟିତ୍ୱ ବଜାୟ ରଖିବାରେ ସାହାଯ୍ୟ କରିଥାଏ।**କ୍ଲଷ୍ଟର ଚୟନ**

ଉତ୍ପାଦ କ୍ଲଷ୍ଟର ଏରିଆ ଚୟନ କରିବା, ଯେଉଁଠି ଏଫ୍‌ପିଓ ସ୍ଥାପନ ହେବ, ତାହା ଏଫ୍‌ପିଓ ଗଠନରେ ଏକ ପ୍ରମୁଖ ପାହାଚ। ଆବଶ୍ୟକୀୟ ବିବରଣୀ ସଂଗ୍ରହ କରି ଉକ୍ତ ଏରିଆର ବେସ୍‌ଲାଇନ୍ ସର୍ଭେ ଆୟୋଜନ କରାଯିବା ନିଶ୍ଚିତ ଦରକାର। ଚୟନ ହୋଇଥିବା କ୍ଲଷ୍ଟରରେ ଏଫ୍‌ପିଓ ଗଠନ କରାଯିବା କେତେ ମାତ୍ରାରେ ସମ୍ଭବ ହେବ ତାହା ଜାଣିବା ପାଇଁ ଏହା ଦରକାର।

**ନିମ୍ନଲିଖିତ ମାପକଗୁଡ଼ିକ ବେସ୍‌ଲାଇନ୍ ସର୍ଭେ ସର୍ବେକ୍ଷଣ କରିବା ଉଚିତ**

**ଜନସଂଖ୍ୟା:**ଗ୍ରାମ ସଂଖ୍ୟା, ଗ୍ରାମ ପଂଚାୟତ, ଶିକ୍ଷିତ ଲୋକଙ୍କ ସଂଖ୍ୟା, ହାରାହାରି ବୟସ ବର୍ଗ, ହାରାହାରି ଜମିଧାରଣ ଆକାର, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସଂଖ୍ୟା, ମଧ୍ୟମ ଏବଂ ବୃହତ୍ ଚାଷୀଙ୍କ ସଂଖ୍ୟା ଓ ପୁରୁଷ ଏବଂ ମହିଳାଙ୍କ ମୁଂଡ ପିଛା ଆୟ।

**କୃଷି:**ଚୟନ ଏରିଆରେ ମୋଟ ବିହନ ବୁଣାଯାଇଥିବା କ୍ଷେତ୍ର , ମୋଟ ଜଳସେଚିତ କ୍ଷେତ୍ର, ଖରିଫ ଏବଂ ରବି କ୍ଷେତ୍ରରେ ଜଳସେଚନ ଉତ୍ସ, ମୋଟ କୃଷି-ଉତ୍ପାଦନ ଦୋକାନ(ପାଇକାରୀ ଏବଂ ରିଟେଲ)

**ଫସଲ ପାଟର୍ନ:** ଖରିଫ ଏବଂ ରବି ଋତୁରେ ଅମଳ ହେଉଥିବା ପ୍ରମୁଖ ଶସ୍ୟ, ଏହି ଶସ୍ୟଗୁଡ଼ିକ ପାଇଁ ଏରିଆ, ଫସଲ ପ୍ରକାର, ଉତ୍ପାଦନ ସ୍ତର, ଅମଳ, ଉତ୍ପାଦନ ଖର୍ଚ୍ଚ, ସର୍ବାଧିକ ବିକ୍ରି ମୂଲ୍ୟ ଏବଂ ଶସ୍ୟର ହାରାହାରି ବିକ୍ରି ମୂଲ୍ୟ।

**ବିପଣନଯୋଗ୍ୟ ବଳକା ଆକଳନ:** ଏହା ମଧ୍ୟ ମନେ ରଖିବାକୁ ହେବ ଯେ,ଏହି ଅଂଚଳରେ ବିକ୍ରି ପାଇଁ ଉପଲବ୍ଧ ଉତ୍ପାଦର ଯୁକ୍ତିଯୁକ୍ତ ଧାରଣା ଏଫ୍‌ପିଓର ଶସ୍ୟ ଚୟନ ପାଇଁ ପ୍ରମୁଖ ମାପଦଂଡ଼। ଉତ୍ପାଦକଙ୍କ ଆବଶ୍ୟକତା ଏବଂ ମୋଟ ଅମଳରୁ ନଷ୍ଟ ହୋଇଥିବା ଫସଲକୁ ହିସାବକୁ ନେଲେ ଆଉ ଯେତିକି ପରିମାଣର ଉତ୍ପାଦ ବିକ୍ରି ପାଇଁ ଉପଲବ୍ଧ ରହିବ ତାହାକୁ ମାର୍କେଟେବଲ ସର୍‌ପ୍ଲସ କୁହାଯାଇଥାଏ।

**ମାର୍କେଟେବୁଲ ସର୍‌ପ୍ଲସ(ଏମ୍‌ଟି)**

**ମୋଟ ଉତ୍ପାଦନ (ଏମ୍‌ଟି)-ନିଜସ୍ୱ ବ୍ୟବହାର(ଏମ୍‌ଟି)-ବୀଜ ପାଇଁ ସଂରକ୍ଷିତ ଉତ୍ପାଦ(ଏମ୍‌ଟି)-ଖାଦ୍ୟ ପାଇଁ ସଂରକ୍ଷିତ ଉତ୍ପାଦ(ଏମ୍‌ଟି)-ଫସଲ ନଷ୍ଟ(ଏମ୍‌ଟି)**

**ଭିତିଭୂମି:** ସଡ଼କ ସୁବିଧା, ଗ୍ରାମୀଣ ଅଂଚଳରେ ବିଦ୍ୟୁତ୍ ଉପଲବ୍ଧତା, ଗ୍ରାମୀଣ ଅଞ୍ଚଳରେ ଇଣ୍ଟରନେଟ୍ ସେବା, ପରିବହନ ମୋଡ୍, ବ୍ଲକରେ ଭଂଡାରଣ ବ୍ୟବସ୍ଥା, କ୍ଲଷ୍ଟର ଉପଲବ୍ଧତା, ନିକଟସ୍ଥ ଏପିଏମ୍‌ସି ଓ ବଜାର ମଧ୍ୟରେ ଦୂରତ୍ୱ।

**ଚାହିଦା ଆକଳନ:** ମୂଲ୍ୟକୁ ବିଶେଷ ପ୍ରଭାବିତ ନ କରି ଅତିରିକ୍ତ ଉତ୍ପାଦନକୁ ଗ୍ରହଣ କରିବା ପାଇଁ ବଜାରରେ ପର୍ଯ୍ୟାପ୍ତ ଚାହିଦା।

ଉତ୍ପାଦକମାନଙ୍କୁ ଏକତ୍ର କରିବା ହେଉଛି କ୍ଷୁଦ୍ର ଉତ୍ପାଦକଙ୍କ ନିକଟରେ ନିବେଶ ସୁବିଧା, ପ୍ରଯୁକ୍ତି ଏବଂ ବଜାର ପହଂଚାଇବା ପାଇଁ ଶ୍ରେଷ୍ଠ ଉପାୟ। ଏଫ୍‌ପିଓ ଗଠନରେ ଜଡ଼ିତ ଏଜେନ୍ସିକୁ ନିମ୍ନଲିଖିତ ବିଷୟଗୁଡ଼ିକୁ ଧ୍ୟାନରେ ରଖିବାକୁ ପଡ଼ିବ।

-ଟାର୍ଗେଟ ଏରିଆରେ କ୍ଷୁଦ୍ର-ଉତ୍ପାଦକଙ୍କ ପ୍ରକାର, ଉତ୍ପାଦନ ପରିମାଣ, ସାମାଜିକ-ଅର୍ଥନୈତିକ ସ୍ଥିତି, ବଜାର ବ୍ୟବସ୍ଥା।

-ଦ୍ରବ୍ୟ ଉତ୍ପାଦନ ଏବଂ ମାନ ବୃଦ୍ଧି ପାଇଁ ନୂତନ ପ୍ରଯୁକ୍ତି ଗ୍ରହଣ ତଥା ଏଥିରେ ନିବେଶ ପାଇଁ ଉତ୍ପାଦକଙ୍କଆଗ୍ରହ।

-ବଜାର ଶୃଂଖଳ ଏବଂ ବଜାର ପରିବେଶରେ ଥିବା ଆହ୍ୱାନ।
-କୌଣସି ପ୍ରକାର ଝଟ୍କା, ବଜାର ଟ୍ରେଂଡ ଏବଂ ଋତୁଜନିତ ସମସ୍ୟାକୁ ନେଇ ବଜାରରେ ଅସ୍ଥିରତା
-ଗୋଷ୍ଠୀ ସମୁଦାୟରେ କୌଣସି ପ୍ରକାର ସାମୁହିକ କାର୍ଯ୍ୟକଳାପକୁ ନେଇ ପୁରୁଣା ଅନୁଭୂତି
-ଜିଲ୍ଲାରେ ଥିବା ପ୍ରମୁଖ ରିଟେଲର ତଥା ପ୍ରୋସେସିଂ କଂପାନୀଙ୍କଚାହିଦାରେ ଥିବା ପ୍ରମୁଖ ଦ୍ରବ୍ୟ, ପ୍ରକ୍ରିୟାକୃତ ଉତ୍ପାଦ ଅବା ସେମି-ଫିନିସ୍ଡ ସାମଗ୍ରୀ।
-ଉଦ୍ୟୋଗ ବିକାଶ ପାଇଁ ସରକାରୀ ବିଭାଗ, ଏନ୍‌ଜିଓ, ସ୍ପେସିଆଲିଷ୍ଟ ସପୋର୍ଟ ଏଜେନ୍ସି ଏବଂ ଘରୋଇ କଂପାନିଙ୍କ ପକ୍ଷରୁ ସହାୟତା।
-କୃଷକ ଉତ୍ପାଦକ ସଂଗଠନ(ଏଫ୍‌ପିଓ)ରେ ଯୋଗ ଦେବା ପାଇଁ ସଦସ୍ୟଙ୍କ ପାଇଁ ପ୍ରୋତ୍ସାହନ।

**ଏଫ୍‌ପିଓ ପଞ୍ଜୀକରଣ**

**କୃଷକ ଉତ୍ପାଦକ ସଂସ୍ଥା**

**ପଞ୍ଜୀକରଣ ପାଇଁ କ'ଣ ଆବଶ୍ୟକ**

ସଦସ୍ୟ: ଏକ କୃଷକ ଉତ୍ପାଦକ ସଂସ୍ଥାର ପଞ୍ଜୀକରଣ ପାଇଁ ଅତିକମ୍‌ରେ ୧୦ଜଣ ସଦସ୍ୟ/୨ଟି ଉତ୍ପାଦକ ଅନୁଷ୍ଠାନ ରହିଥିବା ଆବଶ୍ୟକ। ସଂସ୍ଥାର ସଦସ୍ୟ ସଂଖ୍ୟା ଯେତେ ଅଧିକ ହେଲେ ମଧ୍ୟ ତାହାଉପରେ କୌଣସି ପ୍ରତିବନ୍ଧକ ନାହିଁ।

ପଞ୍ଜୀକରଣ ପ୍ରକ୍ରିୟା:

ଡିଜିଟାଲସ୍ୱାକ୍ଷର ପ୍ରମାଣପତ୍ରବାହାରକରିବା

ସଂସ୍ଥା/କମ୍ପାନୀର ନାମ ଅନୁମୋଦିତ କରାଇବା

ଆର୍ଟିକିଲ୍ ଅଫ୍ ଆସୋସିଏସନ୍ ସହମେମୋରାଣ୍ଡମ୍ ପ୍ରସ୍ତୁତକରିବା

ରେଜିଷ୍ଟ୍ରାର୍ ଅଫ୍ କମ୍ପାନୀଜ୍ (ଆରଓସି)ଙ୍କ ନିକଟରେସମସ୍ତ ଦସ୍ତାବିଜ ଦାଖଲ

ସାର୍ଟିଫିକେଟ୍ ଅଫ୍ ଇନ୍‌କର୍ପୋରେଶନ (ସିଓଆଇ) ପ୍ରସ୍ତୁତକରିବା।ଏହାସହ ପ୍ୟାନ୍, ଟ୍ୟାନ୍, ସଂସ୍ଥା ନିର୍ଦ୍ଦେଶକଙ୍କଡିଆଇଏନ୍, ବ୍ୟାଙ୍କ୍ ଆକାଉ  ଏବଂ ଆବଶ୍ୟକସ୍ଥଳେ ଇପିଏଫ୍‌ଓ/ଇଏସ୍‌ଆଇସି ପଞ୍ଜୀକରଣକରିବାକୁ ପଡ଼ିଥାଏ।

ସୋପାନ- ୧: ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର (ଡିଏସ୍‌ସି)

- ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ ହେଉଥିବା ଦସ୍ତାବିଜର ସୁରକ୍ଷା ଓ ସତ୍ୟତାକୁ ସୁନିଶ୍ଚିତ କରିବା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଧିନିୟମ ୨୦୦୦ ଅନୁଯାୟୀ ସମସ୍ତ ଡକ୍ୟୁମେ   ଓ ପ୍ରମାଣପତ୍ରରେ ଡିଜିଟାଲ ସ୍ୱାକ୍ଷର କରିବାର ନିୟମ ରହିଛି।
- ପଞ୍ଜୀକରଣ ପ୍ରକ୍ରିୟା ପୂର୍ବରୁ ସମସ୍ତ ସଦସ୍ୟଙ୍କର ଡିଜିଟାଲ ସ୍ୱାକ୍ଷର ରହିବା ବାଧ୍ୟତାମୂଳକ ଅଟେ।
- ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର କାଢ଼ିବା ପାଇଁ ନିମ୍ନଲିଖିତ ଦସ୍ତାବିଜର ଆବଶ୍ୟକତା ପଡ଼ିଥାଏ:
    - ପ୍ୟାନ୍ କାର୍ଡର ଅରିଜିନାଲ୍ ସ୍କାନ୍ କପି
    - ଆଧାରକାର୍ଡର ଅରିଜିନାଲ୍ ସ୍କାନ୍ କପି
    - ଏକ ରଙ୍ଗୀନ ଫଟୋର ଅରିଜିନାଲ୍ ସ୍କାନ୍ କପି
- ଏକ ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ରର ବୈଧତା ୧/୨/୩ ବର୍ଷ ରହିଥାଏ।
- ବୈଧତା ସରିବା ପରେ ରିନିୟୁ କରି ଏହାର ବୈଧତାକୁ ପୁଣିଥରେ ବଢ଼ାଯାଇପାରିବ।

ସୋପାନ ୨: ଉତ୍ପାଦ କମ୍ପାନୀର ନାମକରଣ

- ଉତ୍ପାଦ ସଂସ୍ଥାକୁ ସଠିକ୍ ଭାବରେ ବର୍ଣ୍ଣନା କରୁଥିବା ଏକ ନାମ ସହ ତାହା ଶେଷରେ 'ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍' ରହିବା ବାଧ୍ୟତାମୂଳକ।
- ନାମକରଣ ବେଳେ କୌଣସି ସ୍ଥାନରେ 'ପ୍ରାଇଭେଟ୍' ଶବ୍ଦର ବ୍ୟବହାର ହେବନାହିଁ। ଏହା ଅର୍ଥ ନୁହେଁ ଯେ ଏହା ସର୍ବସାଧାରଣ ବା ପବ୍ଲିକ୍ ସର୍ଭିସ୍ ଦେଉଥିବା କୌଣସି ସଂସ୍ଥା।
- ସଂସ୍ଥା ପ୍ରତିଷ୍ଠା ହେବାର ଲକ୍ଷ୍ୟ ତଥା ଉଦ୍ଦେଶ୍ୟକୁ ପ୍ରତିଫଳନ କରୁଥିବା ଯେ କୌଣସି ଗୋଟିଏ କିମ୍ବା ଦୁଇଟି ନାମକୁ ପ୍ରାଥମିକତା ଭି ିରେ ଚୟନ କରିବାର ଆବଶ୍ୟକତା ରହିଛି।
- ପୂର୍ବରୁ ପଞ୍ଜୀକୃତ ହୋଇଥିବା କୌଣସି ସଂସ୍ଥା ତଥା ପ୍ରତିଷ୍ଠାନର ନାମ ସହ ସମାନ ହୋଇ ନଥିବା କିମ୍ବା ଏହି ନାମର କୌଣସି ସମ୍ବନ୍ଧ ନ ଥିବା ଆବଶ୍ୟକ। (ଏଥିଲାଗି ନାମକରଣ ପୂର୍ବରୁ http://www.mca.gov.inୱେବ୍‌ସାଇଟ୍ ଯା   କରି ନାମକରଣ କରିବାର ଆବଶ୍ୟକତା ରହିଛି।
- http://www.mca.gov.inୱେବ୍‌ସାଇଟ୍‌କୁ ଯାଇ ସେଠାରେ ଇ-ସ୍ପେସ୍ ଝଚଓଉର+ ଚବକ୍ସଫ-ଇରେ ପୂର୍ବରୁ ରହିଥିବା ନାମଗୁଡ଼ିକ ସମ୍ପର୍କରେ ଜାଣିହେବ ଏବଂ ରେଜିଷ୍ଟ୍ରାର୍ ଅଫ୍ କମ୍ପାନୀଜ୍ (ଆର୍‌ଓସି)ରେ ସେହି ଅନୁଯାୟୀ ଆବେଦନ କରିହେବ।
- ଏଥିପାଇଁ ଆବେଦନକାରୀଙ୍କର ଡିଜିଟାଲ୍ ସ୍ୱାକ୍ଷର ସହ ୧ ହଜାର ଟଙ୍କାର ଦେବାକୁ ପଡ଼ିଥାଏ।
- ଯଦି ଆବେଦନ କରାଯାଇଥିବା ଦୁଇଟି ଯାକ ନାମ ପୂର୍ବରୁ ବ୍ୟବହୃତ ହୋଇସାରିଛି, ତାହେଲେ ସେ କ୍ଷେତ୍ରରେ ଆର୍‌ଓସିର ସୂଚନା ପରେ ତୁରନ୍ତ ନୂତନ ନାମ ହ ଆବେଦନ କରିବାକୁ ପଡ଼ିଥାଏ।

ସୋପାନ ୩: ମେମୋରାଣ୍ଡମ୍ ଓ ଆର୍ଟିକିଲ୍ ଅଫ୍ ଆସୋସିଏସନ୍ (*MoA & AoA*)

- ଉତ୍ପାଦ କମ୍ପାନୀର ନାମ ଚୟନ ପରେ ସେଥିପାଇଁ ତୁରନ୍ତ ଏକ ମେମୋରାଣ୍ଡମ୍ ଓ ଆର୍ଟିକିଲ୍ ଅଫ୍ ଆସୋସିଏସନ୍‌ର ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି।
- ଏମ୍‌ଓଏ ଏବଂ ଏଓଏର ନକଲ ନିଜପାଖରେ ରଖିବା ଆବଶ୍ୟକ।

- ମେମୋରାଣ୍ଡମ୍ ଅଫ୍ ଆସୋସିଏସନ୍‌ରେ ସଂସ୍ଥାର ସମସ୍ତ ସଦସ୍ୟ ଦ୍ୱାରା ସ୍ୱାକ୍ଷର କରିବା ବାଧ୍ୟତାମୂଳକ। ଏଥିରେ ସେମାନଙ୍କର ନିଜ ନାମ, ମାତା ପିତାଙ୍କ ନାମ, ବୃ ି, ସେମାନଙ୍କର ଠିକଣା ଏବଂ ଫୋନ୍ ନମ୍ବର ରହିବା ଆବଶ୍ୟକ।
- କୌଣସି ଏକ ଥାର୍ଡ ପାର୍ଟି ବା ବାହାର ସଂସ୍ଥା ଓ ବ୍ୟକ୍ତିଙ୍କ ସମ୍ମୁଖରେ ଏମ୍‌ଓଏ ଏବଂ ଏଓଏ ଦାଖଲ କରିବାର ଆବଶ୍ୟକତା ରହିଛି। ଏଥିରେ ସେମାନେ ସାକ୍ଷୀ ଭାବରେ ଦସ୍ତଖତ କରିବେ।

ସୋପାନ ୪: ଉତ୍ପାଦ ସଂସ୍ଥାର ପଞ୍ଜୀକରଣ ପାଇଁ ଦାଖଲ ହେବାକୁ ଥିବା ଦସ୍ତାବିଜର ତାଲିକା

- ନିମ୍ନଲିଖିତ ସମସ୍ତ ପ୍ରମାଣପତ୍ର ସହ ଆବେଦନକାରୀ ଅନ୍‌ଲାଇନ୍‌ରେ SPICE+ FORM ପୂରଣ କରିବେ ଏବଂ ତାହାକୁ ଦାଖଲ କରିବେ।
  - ସାକ୍ଷୀ ସ୍ୱାକ୍ଷର କରିଥିବା ମେମୋରାଣ୍ଡମ୍ ଅଫ୍ ଆସୋସିଏସନ୍ (ଏମ୍‌ଓଏ)
  - ସାକ୍ଷୀ ସ୍ୱାକ୍ଷର ରହିଥିବା ଆର୍ଟିକିଲ୍ ଅଫ୍ ଆସୋସିଏସନ୍
  - ପଞ୍ଜୀକୃତ କାର୍ଯ୍ୟାଳୟର ପ୍ରମାଣ ଲାଗି ଭଡ଼ା ଚୁକ୍ତିନାମା ବା ରେ ୍ ଏଗ୍ରିମେଣ୍ଟ୍, ଏନ୍‌ଓସି କିମ୍ବା ସମ୍ପୃକ୍ତ ଘରମାଲିକଙ୍କର ବିଦ୍ୟୁତ୍ କିମ୍ବା ଅନ୍ୟ ଯେକୌଣସି ବିଲ୍
  - ଆବେଦନକାରୀଙ୍କର ପ୍ୟାନ୍ କାର୍ଡ, ପରିଚୟ ପ୍ରମାଣପତ୍ର ଏବଂ ଠିକଥା ପ୍ରମାଣପତ୍ର (ଆଡ୍ରେସ୍ ପ୍ରୁଫ୍)
  - ଆବେଦନକାରୀଜଣକ କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ତହସିଲଦାର/ପଟୱାରୀ/କୃଷି ଅଧିକାରୀଙ୍କ ଦସ୍ତଖତ ଥିବା ଉତ୍ପାଦ ପ୍ରମାଣପତ୍ର (ପ୍ରଡ୍ୟୁସର୍ ସାର୍ଟିଫିକେଟ୍)
  - SPICE+ FORM ପୂରଣ କରିବା ପରେ ଓଘଉ-୯ଆପେ ଆପେ ସୃଷ୍ଟିହେବ। ସମସ୍ତ ଆବେଦନକାରୀଙ୍କ ଡିଜିଟାଲ ସ୍ୱାକ୍ଷର ଏହି ଫର୍ମରେ ରହିବା ବାଧ୍ୟତାମୂଳକ।
- SPICE+ij AGILE-PRO ଫର୍ମକୁ ମଧ୍ୟ ଆବେଦନକାରୀଜଣକ ପୂରଣ କରିବେ। ଆବଶ୍ୟକ ପ୍ରକ୍ରିୟା:
  - ଜିଏସ୍‌ଟି ପଞ୍ଜୀକରଣ
  - ଇଏସ୍‌ଆଇସି ପଞ୍ଜୀକରଣ
  - ଇପିଏଫ୍‌ଓ ପଞ୍ଜୀକରଣ
  - ପିଟି ପଞ୍ଜୀକରଣ
  - ବ୍ୟାଙ୍କ ଆକାଉ   ଖୋଲିବା

ଏହି ସମସ୍ତ ତଥ୍ୟ ଏବଂ ଆବେଦନ ପାଇଁ ଫର୍ମ ଏମ୍‌ସିଏର ୱେବ୍‌ସାଇଟ୍ http://www.mca.gov.in ରେ ଉପଲବ୍ଧ ଏବଂ ଜଣେ ଚାହିଁଲେ ତାକୁ ଅନ୍‌ଲାଇନ୍‌ରେ ପଢ଼ିବା ସହ ସେଠାରେ ଫର୍ମ ପୂରଣ ମଧ୍ୟ କରିପାରିବ।

ସୋପାନ ୫: ସାର୍ଟିଫିକେଟ୍ ଅଫ୍ ଇନ୍‌କାର୍ପୋରେଶନ

- ଆବେଦନକାରୀ ସଂସ୍ଥାର ଆରଓସି ତଥା ସମସ୍ତ ତଥ୍ୟ ଓ ପ୍ରମାଣପତ୍ର ସଠିକ୍ ଥିଲେ ତାହାର ପରବର୍ତ୍ତୀ ସମୟରେ ମେମୋରାଣ୍ଡମ୍ ଅଫ୍ ଆସୋସିଏସନ ଏବଂ ଆର୍ଟିକିଲ୍ ଅଫ୍ ଆସୋସିଏସନ୍‌ରେ ପଞ୍ଜୀକୃତ ହେବ ଏବଂ ଆବେଦନର ମାତ୍ର ୩୦ଦିନ ମଧ୍ୟରେ ସାର୍ଟିଫିକେଟ୍ ଅଫ୍ ଇନ୍‌କାର୍ପୋରେଶନ ପ୍ରଦାନ କରାଯିବ।
- ଇନ୍‌କାର୍ପୋରେଶନ ସାର୍ଟିଫିକେଟ୍ ସହ ସମ୍ପୃକ୍ତ ସଂସ୍ଥାକୁ ପ୍ୟାନ୍ କାର୍ଡ, ଟ୍ୟାନ୍, ୫ଜଣ ନିର୍ଦ୍ଦେଶକଙ୍କର ଡିଆଇଏନ୍ ମଧ୍ୟ ପ୍ରଦାନ କରାଯିବ। ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବା ବାଧ୍ୟତାମୂଳକ ହୋଇଥିବା ବେଳେ ସମସ୍ତ ତଥ୍ୟ କମ୍ପାନୀର ଇ-ମେଲ୍ ଯୋଗେ ପଠାଇ ଦିଆଯିବ।
- ରେଜିଷ୍ଟ୍ରାର୍ ଅଫ୍ କମ୍ପାନୀଙ୍କ ଦ୍ୱାରା ସ୍ୱୀକୃତପ୍ରାପ୍ତ ପଞ୍ଜୀକରଣ ପ୍ରମାଣପତ୍ରରେ ଯେଉଁ ତାରିଖ ଉଲ୍ଲେଖ ରହିଥିବ ସେହିଦିନ ଠାରୁ କମ୍ପାନୀ କାର୍ଯ୍ୟକାରୀ ହେବ।
- ପ୍ରତିଷ୍ଠା ହେବାପରେ ସମ୍ପୃକ୍ତ ସଂସ୍ଥା ଆଇନ୍ ଆଗରେ ଏକ ବ୍ୟକ୍ତିବିଶେଷ ଭାବରେ ବିବେଚିତ ହୁଏ। ସଦସ୍ୟ ଯିବା ଆସିବା ଜାରି ରହିଥିଲେ ମଧ୍ୟ ଆଇନ୍‌କୁ ଅନୁକରଣ କରୁଥିବା ପର୍ଯ୍ୟନ୍ତ କମ୍ପାନୀ ସେହିଭଳି ରହିଥିବ।
- ଏହାର ଏକ ନିର୍ଦ୍ଦିଷ୍ଟ ସିଲ୍ ରହିଥାଏ, ଯାହାକି ନିର୍ଦ୍ଦେଶକଙ୍କ ଉପସ୍ଥିତିରେ କମ୍ପାନୀ ତରଫରୁ ସମସ୍ତ ଦସ୍ତାବିଜରେ ଲଗାଯାଇଥାଏ ଏବଂ ଜଣେ ସ୍ୱୀକୃତିପ୍ରାପ୍ତ ଅଧିକାରୀ ଏଥିରେ ଦସ୍ତଖତ କରିଥାନ୍ତି।
- ସମସ୍ତ ସମ୍ପତ୍ତିକୁ ନିଜ ଅଧୀନରେ ରଖିବା ପାଇଁ ଏହାକୁ ସଶକ୍ତ କରାଯାଇଥାଏ। ଅନ୍ୟ କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ଏହି ନାମକୁ ବେଆଇନ୍ ଭାବରେ ବ୍ୟବହାର କଲେ ସେମାନଙ୍କ ବିରୋଧରେ ପଦକ୍ଷେପ ନେବାର କ୍ଷମତା ମଧ୍ୟ ରହିଛି।

ପାୱାର୍ ଅଫ୍ ଆଟୋର୍ନୀ:

- ଉତ୍ପାଦ ସଂସ୍ଥାର ନାମ ପଞ୍ଜୀକରଣ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ସହାୟତା ବିଓଡି ମାଧ୍ୟମରେ ହୋଇପାରିବ। ନଚେତ୍ ସାଧାରଣ ପରିଷଦ ଦ୍ୱାରା ନିୟୋଜିତ ଯେକୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ (ଚାଟାର୍ଡ ଆକାଉ ିଙ୍ଗ୍ ଫାର୍ମ କିମ୍ବା କମ୍ପାନୀ କ୍ଲେଟାରୀ) ଆରଓସି ସହ ଏନେଇ କଥାବା ର୍ ା ହୋଇପାରିବେ।
- ନିୟୋଜିତ ହୋଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ସପକ୍ଷରେ ଏକ ପାୱାର ଅଫ୍ ଆଟୋର୍ନି କାର୍ଯ୍ୟକାରୀ କରିବାକୁ ପଡ଼ିଥାଏ।
- ଉତ୍ପାଦ ସଂସ୍ଥାର ସମସ୍ତ ନିର୍ଦ୍ଦେଶକଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ପାୱାର୍ ଅଫ୍ ଆଟୋର୍ନୀକୁ ଆରଓସି ନିକଟରେ ଦାଖଲ କରିବାକୁ ପଡ଼ିଥାଏ। ପାୱାର୍ ଅଫ୍ ଆଟୋର୍ନି ଥିବା ବ୍ୟକ୍ତିବିଶେଷ/ସଂସ୍ଥା ଆରଓସିର ଆବଶ୍ୟକତା ଅନୁଯାୟୀ ଦସ୍ତାବିଜରେ ସଂଶୋଧନ କରିଥାନ୍ତି। ଏହାର ଯା  ପରେ ସେମାନଙ୍କୁ ସାର୍ଟିଫିକେଟ୍ ଅଫ୍ ଇନ୍‌କର୍ପୋରେଶନ ପ୍ରାପ୍ତ ହୋଇଥାଏ।

ସୋପାନ ୬: ସଂସ୍ଥା ପଞ୍ଜୀକରଣ ପରେ କ'ଣ କରିବାକୁ ପଡ଼ିଥାଏ-

- ଆଇଏନ୍‌ସି-୨୦ଏ ଅଧୀନରେ ବ୍ୟବସାୟ ଆରମ୍ଭ କରିବାର ପ୍ରମାଣପତ୍ର ବାହାର କରିବା।
- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ), ପରିଚାଳନା ଅଧିକାରୀ (ଏମ୍‌ଡି), ଆକାଉଣ୍ଟ୍ ଏବଂ ଆବଶ୍ୟକତା ଅନୁଯାୟୀ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତ କରିବା।
- ପ୍ରତିଷ୍ଠାର ୩୦ଦିନ ମଧ୍ୟରେ ପ୍ରଥମ ବୋର୍ଡ ମିଟିଂ ଆୟୋଜନ କରିବା।
- ପ୍ରତିଷ୍ଠା ହେବାର ୯୦ ଦିନ ମଧ୍ୟରେ ପ୍ରଥମ ସାଧାରଣ ବାର୍ଷିକ ବୈଠକର ଆୟୋଜନ କରିବା। ଏହି ବୈଠକରେ ଜଣେ ଅଡିଟରଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ରହିଛି।

ପଞ୍ଜୀକରଣର ଟାଇମଲାଇନ୍:

ସଂସ୍ଥା ପଞ୍ଜୀକରଣ ହେବାପାଇଁ ଅତିକମ୍‌ରେ ୭ଦିନରୁ ଅତିବେଶୀରେ ୩୦ଦିନ ପର୍ଯ୍ୟନ୍ତ ସମୟ ଲାଗିଥାଏ। ତେବେ ସମସ୍ତ ତଥ୍ୟ ଓ ପ୍ରମାଣପତ୍ର ଦାଖଲ କରିବା ଉପରେ ପଞ୍ଜୀକରଣ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାଏ। ନିର୍ଭୁଲ୍ କାଗଜପତ୍ର ଥିଲେ ଖୁବ୍ କମ୍ ସମୟ ମଧ୍ୟରେ ପ୍ରକ୍ରିୟା ଶେଷ ହୋଇଯାଏ।

ପଞ୍ଜୀକରଣ ପାଇଁ ଆବଶ୍ୟକ ଅର୍ଥ:

ପଞ୍ଜୀକରଣ ପାଇଁ ଥିବା ସମସ୍ତ ଦେୟ ସରକାରୀ ପାଉଣା ଉପରେ ନିର୍ଭର କରିଥାଏ। ପ୍ରତ୍ୟେକ ରାଜ୍ୟରେ ଏହା ଭିନ୍ନ ଭିନ୍ନ ହୋଇଥାଏ। ଏହାବ୍ୟତୀତ ପ୍ରଫେସନାଲ୍ ଫି' ଉପରେ ମଧ୍ୟ ଏହା ନିର୍ଭର କରିଥାଏ। ଏସବୁ ସତ୍ତ୍ୱେ ୩୫,୦୦୦ ରୁ ୪୦,୦୦୦ ମଧ୍ୟରେ ଟଙ୍କା ଖର୍ଚ୍ଚ ହେବାର ଆଶା କରାଯାଇପାରେ।

ସମବାୟ ସମିତିର ପଞ୍ଜୀକରଣ

ଏକ କୃଷକ ଉତ୍ପାଦକ ସଂସ୍ଥା ନିମ୍ନଲିଖିତ ଆଇନ୍ ଅନୁଯାୟୀ ଏକ ସମବାୟ ସଂସ୍ଥା ଭାବରେ ପଞ୍ଜୀକୃତ ହୋଇପାରେ।

୧. ଓଡ଼ିଶା ସମବାୟ ସମିତି ଅଧିନିୟମ, ୧୯୬୨
୨. ମଲ୍ଟି-ଷ୍ଟେଟ୍ ସମବାୟ ସମିତି ଅଧିନିୟମ, ୨୦୦୨ (କେନ୍ଦ୍ରୀୟ ଅଧିନିୟମ)

ସମବାୟ ସମିତିର ପଞ୍ଜୀକରଣ:

ଓଡ଼ିଶା ସମବାୟ ସମିତି ଅଧିନିୟମ, ୧୯୬୨ ଅଧୀନରେ ସମବାୟ ସମିତିର ପଞ୍ଜୀକରଣ:

ବ ର୍ତ୍ତମାନ ସମୟରେ କୃଷକ ଉତ୍ପାଦକ ସଂସ୍ଥାଗୁଡ଼ିକ ସିଏସ୍ଏସ୍ ଯୋଜନା ଅଧୀନସ୍ଥ ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍‌ସିଡିସି)ର ସମବାୟ ଆଇନ୍ ଅନୁଯାୟୀ ପଞ୍ଜୀକୃତ ହୋଇଥାନ୍ତି। ଏହି ଯୋଜନା ମାଧ୍ୟମରେ ଦେଶରେ ୧୦ ହଜାର କୃଷକ ଉତ୍ପାଦକ ସଂସ୍ଥାକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟରହିଛି।

**ଓଡ଼ିଶା ସମବାୟ ସମିତି ଅଧିନିୟମ, ୧୯୬୨ ଅନୁଯାୟୀ ସମବାୟ ସମିତିର ପଞ୍ଜୀକରଣ ପାଇଁ ଆବଶ୍ୟକ ତଥ୍ୟ:**

- ଗୋଟିଏ ପ୍ରାଥମିକ ସମବାୟ ସମିତିର ପଞ୍ଜୀକରଣ କରିବାକୁ ହେଲେ ଅତିକମ୍‌ରେ ୫୧ଜଣ ସଦସ୍ୟ ରହିଥିବା ନିତାନ୍ତ ଆବଶ୍ୟକ। ତେବେ ହାଉସିଂ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଥିବା ସମିତିର ସଦସ୍ୟ ସଂଖ୍ୟା ଅତିକମ୍‌ରେ ୧୫ ହେଲେ ଗ୍ରହଣୀୟ। ସେମାନଙ୍କ ମଧ୍ୟରେ ଜଣେ ମହିଳାଙ୍କୁ ମିଶାଇ ୩ଜଣ ଅନୁସୂଚିତ ଜାତି ବର୍ଗର ଏବଂ ଜଣେ ମହିଳାଙ୍କ ସହ ୩ଜଣ ଅନୁସୂଚିତ ଜନଜାତି ବର୍ଗର, ଜଣେ ମହିଳାଙ୍କୁ ମିଶାଇ ୪ଜଣ ଓବିସି ଏବଂ ଆହୁରି ୨ଜଣ ମହିଳାଙ୍କୁ ଅନ୍ତର୍ଭୁକ୍ତ କରି ୫ଜଣ ବିଭିନ୍ନ ବର୍ଗରୁ ରହିବେ।
- କୌଣସି କେନ୍ଦ୍ରୀୟ ସମିତିର ପଞ୍ଜୀକରଣ ବେଳେ ଏଥିରେ ଯୋଡ଼ା ହେଉଥିବା ସମିତିର ସଂଖ୍ୟା ୫ରୁ କମ୍ ହୋଇ ନଥିବା ଆବଶ୍ୟକ।
- ମୁଖ୍ୟ ବା ସର୍ବୋଚ୍ଚ ସମିତିର ପଞ୍ଜୀକରଣ ବେଳେ ଏଥିରେ ଯୋଗ ଦେଉଥିବା ସମିତିଗୁଡ଼ିକର ସଂଖ୍ୟା ୧୦ରୁ କମ୍ ହୋଇ ନଥିବା ଆବଶ୍ୟକ।

➢ ସୋସାଇଟି ବାଇ-ଲ' ଅନୁଯାୟୀ ପଞ୍ଜୀକରଣ ପ୍ରକ୍ରିୟାରେ ସହଯୋଗ କରୁଥିବା ବ୍ୟକ୍ତିବିଶେଷମାନେ ସଂସ୍ଥାର ପରିଚାଳନା ବିଭାଗ ବା ୟୁନିଟ୍ ସହ ଜଡ଼ିତ ଥିବା ଆବଶ୍ୟକ।

➢ ଆବେଦନ ଦରଖାସ୍ତରେ ଆବେଦନକାରୀଙ୍କର ସ୍ୱାକ୍ଷର ରହିଥିବା ଆବଶ୍ୟକ ଏବଂ ଅତିକମ୍‌ରେ ଦୁଇଜଣ ସାକ୍ଷୀ (ଜଣେ ଉତ୍ପାଦକ ସଂସ୍ଥାର ପରିଚାଳକ ହୋଇଥିବା ଆବଶ୍ୟକ)ଙ୍କ ଦ୍ୱାରା ପ୍ରମାଣିତ ହେବାର ଆବଶ୍ୟକତା ରହିଛି। ଆବେଦନକାରୀ ସଂସ୍ଥାର ବାଇ-ଲ'ରେ ମଧ୍ୟ ଆବେଦନକାରୀଙ୍କର ଦସ୍ତଖତ ରହିବା ଆବଶ୍ୟକ।

କାର୍ଯ୍ୟଧାରା (କେମିତି କରିବେ):

ସକ୍ଷମ ପୋର୍ଟାଲକୁ ଯାଇ ସେଠାରେ ଆବେଦନକାରୀଜଣକ ସୋସାଇଟି ରେଜିଷ୍ଟ୍ରେସନ ମାନୁଆଲ୍ ପଢିପାରିବେ।

(https://sakhyam.odisha.gov.in/ORCS/assets/documents/Society.pdf)

ଆବେଦନ ସମୟରେ ଦାଖଲ କରିବାକୁ ଥିବା ତଥ୍ୟ ଓ ପ୍ରମାଣପତ୍ର:

୧. ଓସିଏସ୍ ଅଧିନିୟମ ଓ ନିୟମାବଳୀ ଅନୁଯାୟୀ ସେମାନେ ସଦସ୍ୟ ହେବଲାଗି ଅଯୋଗ୍ୟ ନୁହନ୍ତି ବୋଲି ଆବେଦନକାରୀଜଣକ ଏକ ଅଣ୍ଡରଟେକିଂ ଲିଖିତ ଆକାରରେ ପ୍ରଦାନ କରିବେ।

୨. ସମିତିରେ ସଦସ୍ୟ ଭାବରେ ଯୋଗ ଦେଉଥିବା ବ୍ୟକ୍ତିବିଶେଷ କେହି କାହାର ସମ୍ପର୍କୀୟ ନୁହଁନ୍ତି ବୋଲି ଏକ ପ୍ରମାଣପତ୍ର ପ୍ରଦାନ କରିବେ। (ସେକ୍ସନ ୬(୨) ଏବଂ ସେକ୍ସନ ୨ (ଏଫ୍-୧) ଏବଂ ସେକ୍ସନ ୨(ଡି-୩) ଅନୁଯାୟୀ)

୩. ସମିତି ପ୍ରତିଷ୍ଠା ହେବାକୁ ଥିବା ଅ ଳରେ ହିଁ ଏହାର ସମସ୍ତ ସଦସ୍ୟ ରହୁଥିବା ଆବଶ୍ୟକ। ଏନେଇ ଏକ ପ୍ରମାଣପତ୍ର ପ୍ରଦାନ କରିବା ବାଧ୍ୟତାମୂଳକ।

୪. ସଂସ୍ଥାର ପ୍ରତିଷ୍ଠା ପାଇଁ ଯେଉଁମାନେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଏବଂ ଜଣକା କେତେ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି, ଏହାସହ ସେମାନେ ପ୍ରଦାନ କରିଥିବା ପ୍ରବେଶ ଶୁଳ୍କର ତାଲିକା ପ୍ରଦାନ କରିବେ। ଏହାକୁ ଜଣେ ବ୍ୟାଙ୍କ୍ କର୍ମଚାରୀ ସ୍ୱୀକୃତ ପ୍ରଦାନ କରିବା ବାଧ୍ୟତାମୂଳକ।

୫. ସମିତିର କାର୍ଯ୍ୟଧାରା ଏବଂ ଏହା କିଭଳି ଭାବରେ ଲୋକଙ୍କର ଆର୍ଥିକ କ୍ଷେତ୍ରରେ ପରିବ ର୍ନ ଆଣିବ ତାହାକୁ ଦର୍ଶାଯିବ।

୬. ଆବେଦନକାରୀ ସମିତିର ଏକ ସଂକଳ୍ପନାମା

୭. ବାଇ-ଲ'

୮. ସମିତିର ସଦସ୍ୟ (ନିର୍ଦ୍ଦେଶକ) ଏବଂ ପ୍ରାଥମିକ କମିଟିର ସଭାପତି ମନୋନୟନ

୯. ଆବେଦନକାରୀଙ୍କର ପରିଚୟ ପ୍ରମାଣପତ୍ର (ଆଧାରକାର୍ଡ/ଭୋଟ୍ ପରିଚୟ ପତ୍ର/ପ୍ୟାନ୍ କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ବ୍ୟାଙ୍କ୍ ପାସ୍‌ବୁକ୍‌ର ନକଲ/ବିଜୁଳି ବିଲ୍ ଏବଂ ରେଣ୍ଟ ଏଗ୍ରୀମେ ର ନକଲ)

୧୦. ଆବଶ୍ୟକସ୍ଥଳେ ଅନ୍ୟାନ୍ୟ କାଗଜପତ୍ର



ସକ୍ଷମ ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍‌ରେ ଏହି ପଞ୍ଜୀକରଣ ପ୍ରକ୍ରିୟା କରାଯାଇପାରିବ।

ଷ୍ଟେପ୍ ୨: ପଞ୍ଜୀକରଣ ପ୍ରକ୍ରିୟାରେ ନିମ୍ନଲିଖିତ କ୍ଷେତ୍ରଗୁଡ଼ିକୁ ପୂରଣ କରିବା ବାଧ୍ୟତାମୂଳକ ହୋଇଥାଏ।

୧. ସକ୍ଷମ ପୋର୍ଟାଲରେ ସଫଳତାର ସହ ଏକ ଆକାଉଣ୍ଟ୍ ଖୋଲିବା ପରେ ଆବେଦନକାରୀଜଣକ ସମିତିର କାର୍ଯ୍ୟକ୍ଷେତ୍ର, ସଦସ୍ୟମାନଙ୍କର ତଥ୍ୟ, ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ତଥ୍ୟ ସହ ଆର୍ଥିକ ଅଂଶଧନର ତଥ୍ୟ ଦେବାକୁ ପଡ଼ିଥାଏ।

୨. ସବୁକିଛି ପୂରଣ କରିସାରିବା ପରେ ଆବେଦନକାରୀ ତାହାକୁ ଦାଖଲ କଲେ ଏକ ଆକ୍‌ନଲେଜ୍‌ମେଣ୍ଟ୍ ନମ୍ବର ଉତ୍ପନ୍ନ ହୋଇଥାଏ।

ଷ୍ଟେପ୍ ୩: ଆବେଦନ ଅନୁମୋଦନ ଓ ଦେୟ ପ୍ରକ୍ରିୟା

୧. ପଞ୍ଜୀକରଣ ପରେ ଆବଣ୍ଟିତ ବିଭାଗ ଅନୁଯାୟୀ ସମ୍ପୃକ୍ତ ଆପ୍ଲିକେଶନ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ନିକଟକୁ ଅନୁମୋଦନ ପାଇଁ ଯାଇଥାଏ।

୨. ଏହାପରେ ସମ୍ପୃକ୍ତ ଅଧିକାରୀ/କର୍ତ୍ତୃପକ୍ଷ ତଥ୍ୟ ଯାଞ୍ଚ କରିବା ପରେ ତାହାକୁ ଅନୁମୋଦନ କିମ୍ବା ନାକଚ କରିଥାନ୍ତି।

୩. ଆବେଦନ ଗ୍ରହଣ କିମ୍ବା ନାକଚ ହେଲେ ଆବେଦନକାରୀଙ୍କ ନିକଟକୁ ଏନେଇ ଯୋଗାଯୋଗ କରାଯାଏ।

୪. ଯଦି ଆବେଦନ ନାକଚ ହୋଇଯାଏ ତାହେଲେ ଆବେଦନକାରୀଜଣକ ଆଉଥରେ ଆବେଦନ କରିପାରିବେ।

୫. ଆବେଦନ ଗୃହୀତ ହେଲେ ଆବେଦନକାରୀଜଣକ ନିର୍ଦ୍ଧାରିତ ଟଙ୍କା ପୈଠ କରି ପେମେଣ୍ଟ ପ୍ରକ୍ରିୟାକୁ ଶେଷ କରିଥାନ୍ତି।

ସକ୍ଷମପୋର୍ଟାଲରେ
ଆବେଦନ ପଞ୍ଜୀକରଣ

ତଥ୍ୟ ପ୍ରଦାନ

ଆବେଦନ ଅନୁମୋଦନ
ଓ ଦେୟ

**ସମବାୟ ସମିତିର ପଞ୍ଜୀକରଣ ଖର୍ଚ୍ଚ**

ସମବାୟ ସମିତିର ସ୍ବୀକୃତିପ୍ରାପ୍ତ ଶେୟାର କ୍ୟାପିଟାଲ ଉପରେ ପଞ୍ଜୀକରଣ ଖର୍ଚ୍ଚ ନିର୍ଭର କରେ। ତେବେ ପଞ୍ଜୀକରଣ ଖର୍ଚ୍ଚ ୧୦,୦୦୦ରୁ ୧୫,୦୦୦ ଟଂକା ମଧ୍ୟରେ ରହିଥାଏ।

**ପଞ୍ଜୀକରଣର ସମୟସୀମା**

ଯଦି ଆବେଦନପତ୍ର ଠିକ୍ ଥାଏ ତେବେ ପଞ୍ଜୀକରଣ ପ୍ରକ୍ରିୟା ୧ରୁ ୩ ମାସ ମଧ୍ୟରେ ଶେଷ ହୋଇଥାଏ।

କୃଷକ କଂପାନୀଙ୍କ ପାଇଁ ଅନୁପାଳନ

ଆଇନ ଅନୁପାଳନ କରିବାର ଫାଇଦା

-କୌଣସି ପ୍ରକାର ଆଇନଗତ ଆବଶ୍ୟକତା କ୍ଷେତ୍ରରେ ସୁରକ୍ଷିତ-ଉଦାହରଣ-ଭିଜିଲାନ୍ସ ରେଡ୍
-ଭଂଡାରଣ କ୍ଷେତ୍ରରେ, କମ୍ପିଟିଟରଙ୍କ ଦ୍ୱରା କୌଣସି ଆଇନଗତ ମାମଲା, କ୍ରେତାଙ୍କ ଦ୍ୱାରା ପେମେଣ୍ଟ ନ ହେବା କ୍ଷେତ୍ରରେ ସୁରକ୍ଷିତ
-ଏଫ୍‌ପିଓମାନଙ୍କ ପାଇଁ ଏକ ସୁଦୃଢ଼ ଆନୁଷ୍ଠାନିକ ବ୍ୟବସ୍ଥା ବିକାଶ କ୍ଷେତ୍ରରେ ସହାୟକ ହୋଇଥାଏ, ଯେପରି ବୁକ୍ କିପିଂ, ଗଭର୍ନାଂଶ, ମନିଟରିଂ ଇତ୍ୟାଦି
-ଆର୍ଥିକ ଷ୍ଟେଟ୍‌ମେଣ୍ଟ, ଆଇନମୂଳକ ଦସ୍ତାବିଜ ଏବଂ ବଂଧକ ଆଦି ଆବଶ୍ୟକତା ପୂରଣ ମାଧ୍ୟମରେ ଏଫ୍‌ପିଓମାନଙ୍କ ପାଇଁ ପାଣ୍ଠି ସଂଗ୍ରହ ସୁବିଧାଜନକ ହୋଇଥାଏ।
-ଉତ୍ପାଦର ବିପଣନ ପାଇଁ କ୍ରେତାଙ୍କ ସହ କାରବାର କିମ୍ବା ଚୁକ୍ତି କରିପାରିବା ସମ୍ଭବ।
-ସ୍ୱଚ୍ଛତା ଏବଂ ଉତରଦାୟିତ୍ୱରେ ଯୋଗଦାନ ରଖେ।

**ଭଣ୍ଡାର**

ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରତ୍ୟେକ ଉତ୍ପାଦକ କଂପାନୀକୁ ଏକ ସାଧାରଣ ଭଂଡାର ବଜାୟ ରଖିବାକୁ ପଡ଼ିବ। କୌଣସି ବର୍ଷରେ ଯଦି ପାଣ୍ଠି ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ମୁତାବକ ରାଶି ନ ଥାଏ ତେବେ, ସଦସ୍ୟମାନେ ଏଥିରେ ନିଜ ନିଜର ଯୋଗଦାନ ଦିଅନ୍ତି।

**ଉତ୍ପାଦକ କଂପାନୀଗୁଡ଼ିକ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟକଳାପରେ ସଦସ୍ୟମାନଙ୍କୁ ଜଡ଼ିତ କରାଇଥାନ୍ତି। ଏହାକୁ ପୃଷ୍ଠପୋଷକ କୁହାଯାଇଥାଏ।**

**ବାର୍ଷିକ ଫାଇଲିଂ**

ସମସ୍ତ ପ୍ରକାର କଂପାନିଙ୍କ ପାଇଁ ଇଲେକ୍‌ଟ୍ରୋନିକ୍ ଫାଇଲିଂକୁ ବାଧ୍ୟତାମୂଳକ କରାଯାଇଛି। ଫାଇଲିଂ ପାଇଁ କାଗଜ ଦସ୍ତାବିଜର ଅନୁମତି ନାହିଁ। ବାର୍ଷିକ ଫାଇଲିଂର ଅଂଶବିଶେଷ କଂପାନୀ ଆଇନ,୧୯୫୬ ଅଧୀନରେ ଗଠନ ହୋଇଥିବା କଂପାନିଗୁଡ଼ିକୁ ରେଜିଷ୍ଟ୍ରାର ଅଫ୍ କଂପାନୀଜ୍ ନିକଟରେ ଇ-ଫର୍ମ ସହ ନିମ୍ନଲିଖିତ ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ।

**୧-ଆର୍ଥିକ ବିବରଣୀ ଦାଖଲ କରିବା ପାଇଁ ଫର୍ମ ସମସ୍ତ କଂପାନୀଙ୍କ ଦ୍ୱାରା ଫର୍ମ ଏଓସି-୪ ଦାଖଲ ହେବ**
**୨-ଓପିସି ଓ କ୍ଷୁଦ୍ର କଂପାନୀଙ୍କ ପାଇଁ ବାର୍ଷିକ ରିଟର୍ନ ଓପିସି ଓ କ୍ଷୁଦ୍ର କଂପାନୀଙ୍କ ଦ୍ୱାରା ଫର୍ମ ଏମ୍‌ଜିଟି-୭ଏ ଦାଖଲ ହେବ**
**୩-ଓପିସି ଓ କ୍ଷୁଦ୍ର କଂପାନୀଙ୍କ ଛଡ଼ା ଅନ୍ୟ କଂପାନୀଙ୍କ ବାର୍ଷିକ ରିଟର୍ନ ଓପିସି ଓ କ୍ଷୁଦ୍ର କଂପାନୀଙ୍କ ଛଡ଼ା ସମସ୍ତ କଂପାନୀଙ୍କ ଦ୍ୱାରା ଏମ୍‌ଜିଟି-୭ ଦାଖଲ ହେବ**

**କଂପାନୀ ସେକ୍ରେଟାରୀ ନିଯୁକ୍ତି**

-ଲଗାତର ପ୍ରତି ୩ ଆର୍ଥିକବର୍ଷରେ ହାରାହାରି ବାର୍ଷିକ କାରବାର ୫ କୋଟି ପାର୍ କରୁଥିବା ଉତ୍ପାଦକ କଂପାନୀରେ ଏକ ପୂର୍ନକାଳୀନ କଂପାନୀ ସେକ୍ରେଟାରି ରହିବା ଦରକାର।
-ନିଯୁକ୍ତି ନ ଦେଲେ ଜରିମାନା: କଂପାନୀ ଏବଂ ପ୍ରତ୍ୟେକ ଅଧିକାରୀ, ଯିଏ ଖିଲାପୀ କରିଛନ୍ତି, ସେମାନଙ୍କୁଖିଲାପୀ ଜାରି ରହିଥିବା ପ୍ରତ୍ୟେକ ଦିନ ପାଇଁ ସର୍ବାଧିକ ୫୦୦ ଟଙ୍କା ଜରିମାନା ଲାଗିବ।

**କେଉଁ ରେଜିଷ୍ଟରଗୁଡ଼ିକୁ ରଖିବା ଦରକାର**

ଅନୁପାଳନ ରେକର୍ଡ ରଖିବା ପାଇଁ ଏଫ୍‌ପିଓଙ୍କୁନିର୍ଦ୍ଦିଷ୍ଟ ବୈଧାନିକ ରେଜିଷ୍ଟରର ରକ୍ଷଣାବେକ୍ଷଣ କରିବାକୁ ପଡ଼ିବ। କଂପାନୀ ଆଇନ ୨୦୧୩ ଅଧୀନରେ ରଖାଯିବାକୁ ଥିବା ଦସ୍ତାବିଜ ତାଲିକା:

୧-ରେଜିଷ୍ଟର ଅଫ୍ ଚାର୍ଜେସ
୨-ରେଜିଷ୍ଟର ଅଫ୍ ମେମ୍ବର୍ସ
୩-ରେଜିଷ୍ଟର ଅଫ୍ ଡାଇରେକ୍ଟର୍ସ ଏବଂ ସେୟାର ହୋଲ୍ଡି
୪-ବାର୍ଷିକ ରିଟର୍ନ କପି
୫-ବୋର୍ଡ ବୈଠକର ମିନିଟ୍ ବୁକ୍ ଏବଂ ବୋର୍ଡ କମିଟିର ବୈଠକ
୬-ସାଧାରଣ ବୈଠକର ମିନିଟ୍ ବୁକ୍
୭-ଘୋଷିତ ଲାଭାଂଶର ରେଜିଷ୍ଟର ଏବଂ ବକେୟା ଲାଭାଂଶ
୮-ଆକାଉଣ୍ଟସର ପ୍ରପର ବୁକ୍
୯-କଂପାନି ଦ୍ବାରା କରାଯାଇଥିବା ଋଣ ଏବଂ ନିବେଶ ରେଜିଷ୍ଟର।

## ଏଫ୍‌ପିଓ ଲାଇସେନ୍ସ ଏବଂ ପରମିଟ୍

ବିଭିନ୍ନ ପ୍ରକାର କୃଷି ଏବଂ ଆନୁଷଂଗିକ କ୍ଷେତ୍ର, ଉତ୍ପାଦନ/ଉତ୍ପାଦ ସଂକ୍ରାନ୍ତ ବ୍ୟବସାୟରେ ଏକ ଏଫ୍‌ପିଓ ଜଡ଼ିତ ରହିଥାଏ। ବ୍ୟବସାୟ ଚଳାଇବା ପାଇଁ ଅନୁପାଳନ ଆବଶ୍ୟକତା ସହ ଏକ ଏଫ୍‌ପିଓ ବିଭିନ୍ନ ପ୍ରକାର ଲାଇସେନ୍ସ ଏବଂ ପରମିଟ୍ ଆବଶ୍ୟକ କରିଥାଏ। ବ୍ୟବସାୟର ପ୍ରକାର ଉପରେ ଲାଇସେନ୍ସର ପ୍ରକାର ନିର୍ଭର କରେ।
ଆବଶ୍ୟକୀୟ ଲାଇସେନ୍ସ ସହ ବିଭିନ୍ନ ବ୍ୟବସାୟ ଏବଂ ସୋର୍ସ/ ଲାଇସେନ୍ସ ଜାରି କରୁଥିବା କର୍ତ୍ତୃପକ୍ଷଙ୍କ ବିଷୟରେ ନିମ୍ନରେ ପ୍ରଦାନ କରାଯାଇଛି।

**୧-ବୀଜ୍ ପାଇଁ ଇନ୍‌ପୁଟ୍ ବିଜ୍‌ନେସ:**ଇନ୍‌ପୁଟ୍ ବିଜ୍‌ନେସ ଫର୍ ସିଡ୍‌ସ ବା ବୀଜ ପାଇଁ ଇନ୍‌ପୁଟ୍ ବିଜ୍‌ନେସ ନିମନ୍ତେ ବୀଜ ଉତ୍ପାଦନ ଏବଂ ବୀଜ ବିକ୍ରି ଲାଇସେନ୍ସ ଦରକାର ହୋଇଥାଏ। ଏହାବ୍ୟତୀତ ବୀଜ ପ୍ରମାଣନ ଲାଇସେନ୍ସ ବି ଲୋଡ଼ା। କୃଷି ବିଭାଗ ଏବଂ ରାଜ୍ୟ ବୀଜ ପ୍ରମାଣନ ଏଜେନ୍ସି ଦ୍ବାରା ଏହାକୁ ଜାରି କରାଯାଇଥାଏ। ପ୍ରତି ୩ ବର୍ଷରେ ଏ ଲାଇସେନ୍ସକୁ ରିନ୍ୟୁ କରାଯାଇଥାଏ।
**୨-ଇନ୍‌ପୁଟ୍ ସପ୍:** ସାର, କୀଟନାଶକ ଡିଲରଶିପ୍ ଲାଇସେନ୍ସ। ଲାଇସେନ୍ସ ଜାରି କରୁଥିବା ଏଜେନ୍ସି ହେଲେ କୃଷି ବିଭାଗ, ସପ୍ ଆଣ୍ଡ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ, ଶ୍ରମ ବିଭାଗ।
**୩-ସଂଗ୍ରହ, ଭଂଡାରଣ ଏବଂ ବିକ୍ରି:**ଏଥିପାଇଁ  ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ ମାର୍କେଟ କମିଟି(ଏପିଏମ୍‌ସି) ଲାଇସେନ୍ସ ଲୋଡ଼ା। କୃଷି ବିପଣନ ବିଭାଗ ଅଧୀନ ଏପିଏମ୍‌ସି ଦ୍ୱାରା ଜାରି କରାଯାଇଥାଏ।
**୪-କ୍ବାଲିଟି ପ୍ରମାଣନ:**କୃଷି ମାର୍କେଟିଂ ପ୍ରମାଣନ(ଏଗ୍‌ମାର୍କ) ଆବଶ୍ୟକ। ଭାରତ ସରକାରଙ୍କକୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ଅଧୀନ ବିପଣନ ଏବଂ ନିରୀକ୍ଷଣ ନିର୍ଦ୍ଦେଶାଳୟ ଦ୍ବାରା ଏହା ଜାରି ହୋଇଥାଏ।
**୫-ଭଂଡାରଣ ଏବଂ ପଣ୍ୟାଗାର:**ପଣ୍ୟାଗାର ଅନୁପାଳନ;ଖାଦ୍ୟଶସ୍ୟ ଲାଇସେନ୍ସ ପଣ୍ୟାଗାର ବିକାଶ ଏବଂ ପ୍ରାଧୀକରଣ କର୍ତ୍ତୃପକ୍ଷ, ରାଜ୍ୟ ପଣ୍ୟାଗାର ନିଗମ ଏବଂ ସାଧାରଣ ଯୋଗାଣ ନିଗମ ଦ୍ବାରା ଜାରି କରାଯାଇଥାଏ।
**୬-ବିକ୍ରି ଏବଂ କାରବାର:** ୱେଟ୍ ଆଣ୍ଡ ମେଜର୍ ଲାଇସେନ୍ସ ଆବଶ୍ୟକ ହୋଇଥାଏ। ଏହାକୁ ସାଧାରଣ ଯୋଗାଣ ନିଗମ ଜାରି କରିଥାଏ।
**୭-ପ୍ରକ୍ରିୟାକରଣ:** ଏଥିପାଇଁ ଲୋଡ଼ା ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ(ଏଫ୍‌ଏସ୍‌ଏସ୍‌ଏଆଇ) ପ୍ରମାଣନ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଏହାକୁ ଜାରି କରିଥାଏ। ଲାଇସେନ୍ସିଂ, ଖାଦ୍ୟ ଉତ୍ପାଦ ମାନକ, ପ୍ୟାକେଜିଂ, ଲାବେଲିଂ ନେଇ ଏଫ୍‌ଏସ୍‌ଏସ୍‌ଏଆଇ ୨୦୧୧ରେ ଆଇନ କାର୍ଯ୍ୟକାରୀ କରିଛି। ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଏଫ୍‌ଏସ୍‌ଏସ୍‌ଏଆଇ.ଜିଓଭି.ଇନ୍‌ରେ ଏହି ଆଇନଗୁଡ଼ିକ ବିଷୟରେ ଜାଣିହେବ। କେତେକ ନିୟମ ଉପରେ ନିମ୍ନରେ ବିବରଣୀ ପ୍ରଦାନ କରାଯାଇଛି।
କ)-ଏଫ୍‌ଏସ୍‌ଏସ୍(ଲାଇସେନ୍ସିଂ ଆନ୍‌ଡ ରେଜିଷ୍ଟ୍ରେସନ ଅଫ୍ ଫୁଡ୍ ବିଜ୍‌ନେସ) ରେଗୁଲେସନ,୨୦୧୧
ଖ)-ଏଫ୍‌ଏସ୍‌ଏସ୍(ପ୍ୟାକେଜିଂ ଆଣ୍ଡ ଲାବେଲିଂ) ରେଗୁଲେଶନ, ୨୦୧୧

ଗ)-ଏଫ୍ଏସ୍ଏସ୍(ଫୁଡ୍ ପ୍ରଡକ୍ଟ ଷ୍ଟାଣ୍ଡାର୍ଡସ ଆଣ୍ଡ ଫୁଡ୍ ଆଡିଟିଭ୍ସ) ରେଗୁଲେସନ, ୨୦୧୧

ଘ)ଏଫ୍ଏସ୍ଏସ୍(କଣ୍ଟାମିନାଣ୍ଟସ, ଟକ୍ସିନ ଆଣ୍ଡ ରିସିଡ୍ୟୁଜ୍) ରେଗୁଲେସନ, ୨୦୧୧

ଙ)ଏଫ୍ଏସ୍ଏସ୍(ପ୍ରୋହିବିସନ ଆଣ୍ଡ ରେଷ୍ଟ୍ରିକ୍ସନ ଅନ୍ ସେଲ୍ସ) ରେଗୁଲେସନ, ୨୦୧୧

**୮-ପ୍ରଦୂଷଣକାରୀ ଶିଳ୍ପ, କାରଖାନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ):**ଏଥିପାଇଁ ଲୋଡ଼ା ପ୍ରଦୂଷଣ ନିୟନ୍ତ୍ରଣ; କାରଖାନା ଲାଇସେନ୍ସ; ଏମ୍ଏସ୍ଏମ୍ଇ ସାର୍ଟିଫିକେଟ। ଶିଳ୍ପ ବିଭାଗ(ଡିଷ୍ଟ୍ରିକ୍ଟ ମ୍ୟାନେଜର, ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଆଲ ସେଣ୍ଟର) ଦ୍ବାରା ଏହା ଜାରି କରାଯାଇଥାଏ। ଏହାବ୍ୟତୀତ ଗ୍ରାମ ପଂଚାୟତ ଦ୍ୱାରା ୱାଟର ପରମିଟ୍, ବିଦ୍ୟୁତ୍ ବିଭାଗ ଦ୍ବାରା ଇଲେକ୍ଟ୍ରିସିଟି ପରମିଟ୍, ଫାୟାର୍ ଷ୍ଟେସନ ଦ୍ୱାରା ଫାୟାର୍ ଷ୍ଟେସନ ପରମିଟ୍ ଜାରି କରାଯାଇଥାଏ।

**୯-ସାମଗ୍ରୀ/ସେବା ଉପରେ ଟିକସ:**ଭାରତ ସରକାରଙ୍କ ଅର୍ଥ ମନ୍ତ୍ରାଳୟ ଅଧୀନ କେନ୍ଦ୍ରୀୟ ପରୋକ୍ଷ ଏବଂ ସୀମା ଶୁଳ୍କ ବୋର୍ଡ ଜିଏସ୍ଟି ଜାରି କରେ।

**୧୦-ଆୟ କର:**ସ୍ଥାୟୀ ଆକାଉଣ୍ଟ ନମ୍ବର(ପାନ୍); ଟାକ୍ସ ଡିଡକ୍ସନ ଆଣ୍ଡ କଲେକ୍ସନ ଆକାଉଣ୍ଟ ନମ୍ବର(ଟାନ୍) ଆୟକର ବିଭାଗ ଦ୍ବାରା ଜାରି କରାଯାଇଥାଏ। ଏଗୁଡ଼ିକ କେବଳ ଗୋଟିଏ ଥର ପାଇଁ ଆବେଦନ କରାଯାଇଥାଏ।

**୧୧-ଜୈବିକ ଉତ୍ପାଦର ଉତ୍ପାଦନ:**ପାର୍ଟିସିପେଟୋରୀ ଗ୍ୟାରେଣ୍ଟି ସିଷ୍ଟମ(ପିଜିଏସ୍); ତୃତୀୟ ପକ୍ଷ ପ୍ରମାଣନ ଲୋଡ଼ା। ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ଅଧୀନ ପ୍ରାଧୀକୃତ ଏଜେନ୍ସିଗୁଡ଼ିକ ଦ୍ବାରା ଏହାକୁ ଜାରି କରାଯାଇଥାଏ।

ବୈଧାନିକ ଅନୁପାଳନ କ୍ୟାଲେଣ୍ଡର

| **ଉକ୍ଟଙ୍କକ୍ତ୍ରକ୍ଷସବଭମରତ୍ୱ**<br>ଅନୁପାଳନ | **ଚବକ୍ୱତ୍ପସମଙ୍କକ୍ଷବକ୍ୱତ୍ୱ**<br>ସବିଶେଷ ବିବରଣୀ | **ଝସଙ୍କରକ୍ଷସଭରତ୍ୱ**<br>ସମୟସୀମା | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| | | ଅପ୍ରେଲ | ମଇ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁଆରୀ | | **ଗଇ**<br>ଫେବୃଆରୀଜ |
| ବୋର୍ଡ଼ ବୈଠକ | ଗୋଟିଏ ବର୍ଷରେ ସର୍ବନିମ୍ନ ୪ ଥର (୩ ମାସରେ ଥରେ) | | | | | | | | | | | | |
| ବୈଧାନିକ ସମୀକ୍ଷା | ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ | | | | | | | | | | | | |
| ସ୍ୱତନ୍ତ୍ର ସମୀକ୍ଷା | ଯେତେବେଳେ ରେଜିଷ୍ଟ୍ରାର କହିବେ | | | | | | | | | | | | |
| ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) | ଆର୍ଥିକ ବର୍ଷ ସମାପ୍ତ ହେବା ପରେ ୬ମାସ ପୂର୍ବରୁ ବର୍ଷକୁ ଥରେ | | | | | | | | | | | | |
| ବୋର୍ଡ଼ ସଦସ୍ୟଙ୍କ ନିର୍ବାଚନ | ୧-୫ ବର୍ଷର ଅବଧି ପାଇଁ | | | | | | | | | | | | |
| ଆରଓସି ସହିତ ବାର୍ଷିକ ରିଟର୍ଣ୍ଣ | ଏଜିଏମ୍ର ୬୦ ଦିନ ମଧ୍ୟରେ | | | | | | | | | | | | |
| ସାଧାରଣ ଆରକ୍ଷଣ | ବର୍ଷକୁ ଥରେ | | | | | | | | | | | | |
| ସମୀକ୍ଷକ ନିଯୁକ୍ତି | ଏଜିଏମ୍ ଦ୍ୱାରା | | | | | | | | | | | | |

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ଜିଏସ୍‌ଟି ରିଟର୍ଣ୍ଣସ୍ ଫାଇଲିଂ | ୧ ୨ (ମାସକୁ ଥରେ) | | | | | | | | | | | | |
| ଜରୁରୀ ସାଧାରଣ ବୈଠକ | ସେହିପରି ଓ ଯେଉଁ ସମୟରେ ଆବଶ୍ୟକ | | | | | | | | | | | | |
| ବୈଧାନିକ ରେଜିଷ୍ଟରର ରକ୍ଷଣାବେକ୍ଷଣ | ସବୁ ସମୟରେ | | | | | | | | | | | | |

ଅନ୍ୟାନ୍ୟ ବୈଧାନିକ_ଅନୁପାଳନ-ସଦ୍ୟ କାର୍ଯ୍ୟନ୍ୱୟନ ପାଇଁ

| ଅନୁପାଳନ | ସବିଶେଷ ବିବରଣୀ |
|---|---|
| ଅନୁପାଳନ | ସବିଶେଷ ବିବରଣୀ |
| ପ୍ରଥମ ସମୀକ୍ଷକଙ୍କ ନିଯୁକ୍ତି | ବାର୍ଷିକ ସାଧାରଣ ବୈଠକରେ ଅନ୍ତର୍ଭୁକ୍ତ ହେବାର ୯୦ ଦିନ ମଧ୍ୟରେ |
| ସମୀକ୍ଷକଙ୍କ ପୁନଃନିଯୁକ୍ତି | ପ୍ରତି ୫ ବର୍ଷରେ, ପ୍ରତ୍ୟେକ ବର୍ଷ ଅନୁମୋଦର ଆବଶ୍ୟକତା ନାହିଁ |
| ଅଂଶଧନ ପ୍ରମାଣପତ୍ର ପ୍ରଦାନ | ଅର୍ନ୍ତଭୁକ୍ତ ହେବାର ୨ ମାସରୁ କମ୍ପାନୀର ସର୍ବନିମ୍ନ ପ୍ରଥମ ୧୦ ଜଣ ଗ୍ରାହକ |
| ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ | ପ୍ରଥମ ବାର୍ଷିକ ସାଧାରଣ ବୈଠକର ୧୫ ଦିନ ମଧ୍ୟରେ କିନ୍ତୁ ଏହା କମ୍ପାନୀଗୁଡ଼ିକର ରେଜିଷ୍ଟରାର ଦ୍ୱାରା ଏକ ଆବେଦନ ଦ୍ୱାରା ୩ ମାସର ସଂପ୍ରାସରଣ ଉପରେ ନିର୍ଭର କରୁଛି କିମ୍ବା ଆର୍ଥିକ ବର୍ଷ ସମାପ୍ତ ହେବାର ୬ ମାସ ମଧ୍ୟରେ |
| ପ୍ରଥମ ବାର୍ଷିକ ସାଧାରଣ ବୈଠକ | କମ୍ପାନୀ ଅନ୍ତର୍ଭୁକ୍ତ ହେବାର ୯୦ ଦିନ ମଧ୍ୟରେ ଅନୁଷ୍ଠିତ ହେବ |
| ପ୍ରଥମ ବୋର୍ଡ଼ ବୈଠକ | ଅନ୍ତର୍ଭୁକ୍ତ ହେବାର ତାରିଖଠାରୁ ୩୦ ଦିନ ମଧ୍ୟରେ |
| ନିର୍ଦ୍ଦେଶକଙ୍କ କେଓ୍ୱାଇସି | ପ୍ରତ୍ୟେକ ଆର୍ଥିକ ବର୍ଷରେ ଥରେ ୩୦ ସେପ୍ଟେମ୍ବର ମଧ୍ୟରେ |

ବୈଧାନିକ ରେଜିଷ୍ଟରର ନାମ ଏବଂ ସମ୍ପର୍କିତ ଅନୁପାଳନ ଫର୍ମ

| କ୍ରମିକ ସଂଖ୍ୟା | ବୈଧାନିକ ରେଜିଷ୍ଟରର ନାମ | ଫର୍ମ ସଂଖ୍ୟା. |
|---|---|---|
| ୧ | ସଦସ୍ୟଙ୍କ ରେଜିଷ୍ଟର | ଏମ୍‌ଜିଟି-୧ |
| ୨ | ନିର୍ଦ୍ଦେଶକ ଓ ତାଙ୍କ ସେୟାରର ରେଜିଷ୍ଟର | |
| ୩ | ନବୀକୃତ ଓ ଡୁପ୍ଲିକେଟ୍ ସେୟାର ପ୍ରମାଣପତ୍ର | ଏସ୍‌ଏଚ୍- ୨ |
| ୪ | ମୂଲ୍ୟଗୁଡ଼ିକର ରେଜିଷ୍ଟର | ସିଏଚ୍‌ଜି-୭ |
| ୫ | କମ୍ପାନୀ ଦ୍ୱାରା ନିଆଯାଇଥିବା ଋଣ ଓ ପୁଞ୍ଜିନିବେଶର ରେଜିଷ୍ଟର | ଏମ୍‌ବିପି- ୨ |
| ୬ | ସମ୍ପର୍କିତ ସଂସ୍ଥା ସହ ହୋଇଥିବା କାରବାରର ରେଜିଷ୍ଟର | ଏମ୍‌ବିପି-୪ |

## *Major Statutory forms to be filed by ROC under the Companies Act, 2013*

କମ୍ପାନୀ ଅଧିନିୟମ ୨୦୧୩ ଅନ୍ତର୍ଗତ କମ୍ପାନୀର ରେଜିଷ୍ଟ୍ରାର (ଆରଓସି)ଙ୍କ ଦ୍ୱାରା ପ୍ରମୁଖ ବୈଧାନିକ ଫର୍ମ ପୁରଣ କରାଯିବା ଉଚିତ

| କ୍ରମିକ ସଂଖ୍ୟା | ଫର୍ମ ସଂଖ୍ୟା. | କମ୍ପାନୀ ଅଧିନିୟମ, ୨୦୧୩ ଅନ୍ତର୍ଗତ ଏହାକୁ ଦାଖଲ କରିବାର ଉଦ୍ଦେଶ୍ୟ | ଏହାକୁ କିଏ ପୁରଣ କରିଥାଏ | ପୁରଣ କରିବାର ଅବଧି/କାରଣ |
|---|---|---|---|---|
| ୧ | ଆଇଏନ୍‌ସି-୨୨ | ପଞ୍ଜୀକୃତ କାର୍ଯ୍ୟାଳୟ ପରିବ ର୍ନର ସୂଚନା | ନିର୍ଦ୍ଦେଶକ ମଣ୍ଡଳୀ | ଯେତେବେଳେ ଓ ଯେଉଁ ସମୟରେ ଠିକଣା ପରିବ ର୍ନ ହେବ |
| ୩ | ପିଏଏସ୍-୩ | ଅଂଶଧନ ଆବ ନର ଲାଭ | ନିର୍ଦ୍ଦେଶକ ମଣ୍ଡଳୀ | ଯେତେବେଳେ ଓ ଯେଉଁ ସମୟରେ ଅଂଶଧନ ବୃଦ୍ଧି ପାଇଥାଏ |
| ୫ | ସିଏଚ୍‌ଜି-୧ | ବ୍ୟାଙ୍କ୍ ଇତ୍ୟାଦିରୁ ନିଆଯାଇଥିବା ଋଣର ପୁନଃ ପରିଶୋଧକୁ ସୁରକ୍ଷିତ କରିବା ପାଇଁ ସଂସ୍ଥାର ପଞ୍ଜୀକରଣ/ସମ୍ପତ୍ତି ଉପରେ ପଡୁଥିବା ମୂଲ୍ୟ ପୁନଃନିର୍ଦ୍ଧାରଣ | ନିର୍ଦ୍ଦେଶକ ମଣ୍ଡଳୀ | ଯେତେବେଳେ ଓ ଯେଉଁ ସମୟରେ କମ୍ପାନୀ ସମ୍ପତ୍ତି ଉପରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। |
| ୬ | ସିଏଚ୍‌ଜି-୪ | ମୂଲ୍ୟ ପରିମାଣକୁ କମ୍ କରିବା ପାଇଁ ଋଣର ପୁନଃ ପରିଶୋଧ ଉପରେ ମୂଲ୍ୟ ସନ୍ତୁଷ୍ଟିକରଣ | ନିର୍ଦ୍ଦେଶକ ମଣ୍ଡଳୀ | ଯେତେବେଳେ ଓ ଯେଉଁ ସମୟରେ ଋଣ ପୁନଃ ପିରଶୋଧ ଉପରେ କମ୍ପାନୀର ସମ୍ପତ୍ତି ଉପରେ ମୂଲ୍ୟ |

| | | | | |
|---|---|---|---|---|
| | | ପାଇଁ ପଞ୍ଜୀକରଣ | | ନିର୍ଦ୍ଧାରଣ ସନ୍ତୋଷଜନ ରହିଥାଏ। |
| ୭ | ଏମ୍‌ଜିଟି-୧୪ | ଯେଉଁ ମାମଲାଗୁଡ଼ିକ ବିଶେଷ ସମାଧାନର ଆବଶ୍ୟକତା ପଡ଼ିଥାଏ | ନିର୍ଦ୍ଦେଶକ ମଣ୍ଡଳୀ | ସଦସ୍ୟ/ଗ୍ରାହକଙ୍କ ଦ୍ୱାରା ସ୍ୱତନ୍ତ୍ର ବ୍ୟବସାୟ ଆରମ୍ଭ କରିବା ମାମଲାରେ |
| ୮ | ଡିଆଇଆର-୩ | ନିର୍ଦ୍ଦେଶକ ଚିହ୍ନଟ ସଂଖ୍ୟା ପାଇଁ ଆବେଦନ | ନିର୍ଦ୍ଦେଶକ ମଣ୍ଡଳୀ | ଯେତେବେଳେ ଜଣେ ନୂତନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶକ ମଣ୍ଡଳୀରେ ସାମିଲ କରାଯାଇଥାଏ, ସେ ଫର୍ମ ମାଧ୍ୟମରେ ଡିଆଇଏନ୍ ହାସଲ କରିବାକୁ ପଡିବ |
| ୯ | ଡିଆଇଆର-୧୧ | ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦେଶକଙ୍କ ଇସ୍ତଫାର ବିଜ୍ଞପ୍ତି ଦାଖଲ କରାଯିବ | ଅବସର ନେବାକୁ ଯାଉଥିବା ନିର୍ଦ୍ଦେଶକ | ଅବସର/ଇସ୍ତଫା/ହଟାଯିବାର କାରଣ ଦର୍ଶାଇ ଯେତେବେଳେ ସେ ଅବସର ନିଅନ୍ତି/ଇସ୍ତଫା ଦିଅନ୍ତି/କମ୍ପାନୀରୁ ହଟାଇ ଦିଆଯାଏ |
| ୧୦ | ଡିଆଇଆର-୧୨ | ନିଯୁକ୍ତିର ସବିଶେଷ ବିବରଣୀ ଏବଂ ନିର୍ଦ୍ଦେଶକ ପରିବର୍ତ୍ତନ ବିଷୟ କମ୍ପାନୀ ପକ୍ଷରୁ ଦାଖଲ କରାଯିବ ଉଚିତ | ନିର୍ଦ୍ଦେଶକ ମଣ୍ଡଳୀ | ଯେକୌଣସି କାରଣରୁ ନିର୍ଦ୍ଦେଶକ ମଣ୍ଡଳୀର ସନ୍ନିଧାନରେ ପରିବର୍ତ୍ତନ ହେବା କ୍ଷେତ୍ରରେ |
| ୧୧ | ଏଓସି-୪ | ବାର୍ଷିକ ଭାବେ ପ୍ରତ୍ୟେକ ଆର୍ଥିକ ବର୍ଷରେ ବାର୍ଷିକ ଆକାଉଣ୍ଟସ୍ ଦାଖଲ କରିବା ପାଇଁ ଫର୍ମ | ନିର୍ଦ୍ଦେଶକ ମଣ୍ଡଳୀ | ପ୍ରତ୍ୟେକ ବର୍ଷ |
| ୧୨ | ଏମ୍‌ଜିଟି-୭ | ପ୍ରତ୍ୟେକ ଆର୍ଥିକ ବର୍ଷରେ ଅଂଶୀଦାରମାନଙ୍କ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବା ପାଇଁ ଫର୍ମ | ନିର୍ଦ୍ଦେଶକ ମଣ୍ଡଳୀ | ପ୍ରତ୍ୟେକ ବର୍ଷ |

**କୃଷକ ଉତ୍ପାଦକ ସଂଗଠନର ନିୟମଭଙ୍ଗ ଜନିତ ଦଣ୍ଡ**

କ) ଏକ ସଂସ୍ଥା ଏବଂ ବ୍ୟକ୍ତିଗତ ସଦସ୍ୟ/ବୋର୍ଡ଼ର ବ୍ୟକ୍ତି ରୂପରେ କୃଷକ ଉତ୍ପାଦକ ସଂଗଠନକୁ ଏକ ନିର୍ଦ୍ଧାରିତ ଆଇନଗତ ଆଦେଶର କିଛି ପ୍ରକ୍ରିୟାର ପାଳନ କରିବା ପାଇଁ ଆଇନ ଦ୍ୱାରା ନିର୍ଦ୍ଦେଶିତ କରାଯାଇଛି, ଯେଉଁଥିରେ ବିଫଳ ହେବା କ୍ଷେତ୍ରରେ କୃଷକ ଉତ୍ପାଦକ ସଂଗଠନ, କୃଷକ ଉତ୍ପାଦକ ସଂଗଠନ ସଦସ୍ୟଙ୍କୁ ନିମ୍ନଲିଖିତ ଦଣ୍ଡ ଭୋଗିବାକୁ ପଡିବ

ଖ) କମ୍ପାନୀ ଅଧିନିୟମ ଅନୁସାରେ ସମୟ ସମୟରେ ଅନୁପାଳନର ସବିଶେଷ ତଥ୍ୟ ପରିବ ର୍ିନ ହେବାର ସମ୍ଭାବନା ରହିଛି। ସମୟ ସମୟରେ ସବୁ ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ଏକ ପଞ୍ଜୀକୃତ କମ୍ପାନୀ ସଚିବର ସେବା ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟଙ୍କ ଦାୟିତ୍ୱ।

ଗ) ନିର୍ଦ୍ଦେଶକ ମଣ୍ଡଳୀକୁ ଦଣ୍ଡର ସମ୍ମୁଖୀନ ହେବାକୁ ପଡିଥାଏ ବୋଲି ବିବେଚନା କରାଯାଇଥାଏ। ଏହି ବିଫଳତାଗୁଡ଼ିକ କମ୍ପାନୀ ଆଇନ ଅଧିନିୟମ ଅନୁସାରେ ଅପରାଧ ଏବଂ ଏଥିପାଇଁ ବିଭିନ୍ନ ସ୍ତରର ଦଣ୍ଡବିଧାନ ରହିଛି।

| କ୍ରମିକ ସଂଖ୍ୟା | ଅପରାଧ ଓ ଏହାର ପ୍ରକାର | ଆଇନ ଅନୁସ କୋରେ ଦଣ୍ଡ |
|---|---|---|
| ୧ | କୌଣସି ସଦସ୍ୟଙ୍କ ଦ୍ୱାରା ଉତ୍ପାଦକ କମ୍ପାନୀର ବ୍ୟବସ୍ଥାୟ ସହିତ ଦ୍ୱନ୍ଦ୍ୱ ରଖୁଥିବା ବ୍ୟବସାୟିକ ସ୍ୱାର୍ଥ ହାସଲ କରିବା କ୍ଷେତ୍ରରେ | ସଦସ୍ୟତା ବାତିଲ କରାଯିବା ସହିତ ଅନୁଚ୍ଛେଦ ଅନୁସାରେ ହଟାଇ ଦିଆଯାଇଥାଏ। |
| ୨ | କୌଣସି ନିର୍ଦ୍ଦେଶକ ଏହି ଅଧିନିୟମ କିମ୍ବା ଅନ୍ୟ ଆଇନରେ ଥିବା ବ୍ୟବସ୍ଥା ଉଲ୍ଲଙ୍ଘନ ପାଇଁ ଭୋଟ, ଅନୁମୋଦନ କିମ୍ବା କାର୍ଯ୍ୟ କରିବା କ୍ଷେତ୍ରରେ | ନିର୍ଦ୍ଦେଶକମାନଙ୍କୁ ଏଭଳି ଭୋଟିଂ କିମ୍ବା କାର୍ଯ୍ୟ ଯୋଗୁଁ କମ୍ପାନୀର କ୍ଷତି, ନଷ୍ଟ, ଲାଭର ଭରଣ କରିବା  ଉଚିତ |
| ୩ | କୌଣସି ସଦସ୍ୟ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କୁ କମ୍ପାନୀର କାର୍ଯ୍ୟ ସମ୍ପର୍କିତ ସୂଚନା ପ୍ରଦାନ କରିବାରେ ନିର୍ଦ୍ଦେଶକଙ୍କ ବିଫଳତା କ୍ଷେତ୍ରରେ | ପୂର୍ବ ବର୍ଷ କମ୍ପାନୀ କାରବାରର ୫ ପ୍ରତିଶତ ଜରିମାନା |
| ୪ | ଉତ୍ପାଦକ କମ୍ପାନୀକୁ ହିସାବ ଖାତା, ଦସ୍ତାବିଜ କିମ୍ବା ସମ୍ପତ୍ତି ହସ୍ତାନ୍ତର କରିବାରେ ବିଫଳତା | ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଏହି ସାମାନ ବିଫଳତା ଜାରି ରଖିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପିଛା ଅତିରିକ୍ତ ୧୦,୦୦୦ ଟଙ୍କା ଦେବାକୁ ପଡିବ |
| ୫ | ବାର୍ଷିକ ସାଧାରଣ ବୈଠକ  କିମ୍ବା ସାଧାରଣ ବୈଠକ ଆୟୋଜନ କରିବାରେ ବିଫଳତା | ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଏହି ସାମାନ ବିଫଳତା ଜାରି ରଖିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପିଛା ଅତିରିକ୍ତ ୧୦,୦୦୦ ଟଙ୍କା ଦେବାକୁ ପଡିବ |

| | | |
|---|---|---|
| ୬ | ଉତ୍ପାଦକ କମ୍ପାନୀ ଏଥିରେ ସାମିଲ ହେବାର ୬ ମାସ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳତା | ତଥ୍ୟର ଯାଂଚ କରିବା ପରେ ନିର୍ଦ୍ଦେଶକଙ୍କୁ ନିଜର ପକ୍ଷ ରଖିବାର ଉଚିତ ସମୟ ଦେବା ପରେ କମ୍ପାନୀ ରେଜିଷ୍ଟ୍ରାର (ଆରଓସି) ଙ୍କ ଦ୍ୱାରା କମ୍ପାନୀ ନାମ କାଟି ଦିଆଯିବ |
| ୭ | ଉତ୍ପାଦକ କମ୍ପାନୀ ସଦସ୍ୟଙ୍କ ସହିତ କାରବାର ବନ୍ଦ କରିବା କ୍ଷେତ୍ରରେ | ତଥ୍ୟର ଯାଂଚ କରିବା ପରେ ନିର୍ଦ୍ଦେଶକଙ୍କୁ ନିଜର ପକ୍ଷ ରଖିବାର ଉଚିତ ସମୟ ଦେବା ପରେ କମ୍ପାନୀ ରେଜିଷ୍ଟ୍ରାର (ଆରଓସି) ଙ୍କ ଦ୍ୱାରା କମ୍ପାନୀ ନାମ କାଟି ଦିଆଯିବ |
| ୮ | ଉତ୍ପାଦକ କମ୍ପାନୀ ଅଧିନିୟମ ଅନ୍ତର୍ଗତ ଉଲ୍ଲେଖିତ ବସ୍ତୁଗୁଡ଼ିକ ଉପରେ ଉତ୍ପାଦକ କମ୍ପାନୀ କାର୍ଯ୍ୟ ନ କରିବା | ତଥ୍ୟର ଯାଂଚ କରିବା ପରେ ନିର୍ଦ୍ଦେଶକଙ୍କୁ ନିଜର ପକ୍ଷ ରଖିବାର ଉଚିତ ସମୟ ଦେବା ପରେ କମ୍ପାନୀ ରେଜିଷ୍ଟ୍ରାର (ଆରଓସି) ଙ୍କ ଦ୍ୱାରା କମ୍ପାନୀ ନାମ କାଟି ଦିଆଯିବ |
| ୯ | ଉତ୍ପାଦକ କମ୍ପାନୀ କୌଣସି ପାରସ୍ପାରିକ ସହାୟତା ନୀତି ପାଳନ ନ କରିବା କ୍ଷେତ୍ରରେ | ତଥ୍ୟର ଯାଂଚ କରିବା ପରେ ନିର୍ଦ୍ଦେଶକଙ୍କୁ ନିଜର ପକ୍ଷ ରଖିବାର ଉଚିତ ସମୟ ଦେବା ପରେ କମ୍ପାନୀ ରେଜିଷ୍ଟ୍ରାର (ଆରଓସି) ଙ୍କ ଦ୍ୱାରା କମ୍ପାନୀ ନାମ କାଟି ଦିଆଯିବ |
| ୧୦ | ଗତ ୩ ବର୍ଷ ମଧ୍ୟରେ ହାରାହାରି ୫ କୋଟିରୁ ଊର୍ଦ୍ଧ୍ୱ କାରବାର କରିଥିବା ଏକ ଉତ୍ପାଦକ କମ୍ପାନୀରେ ଜଣେ ଯୋଗ୍ୟ କମ୍ପାନୀ ସଚିବ ନିଯୁକ୍ତି ପ୍ରଦାନରେ ବିଫଳତା | କମ୍ପାନୀ ଓ ବିଫଳ ହୋଇଥିବା ଅଧିକାରୀଙ୍କୁ ନିଜ ବିଫଳତା ଜାରି ରଖିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପିଛା ୫୦୦ ଟଙ୍କା ଜରିମାନା ଦେବାକୁ ପଡିବ |
| ୧୧ | ସଦସ୍ୟ/ପୂର୍ବ ସଦସ୍ୟ/ମୃତ ସଦସ୍ୟ ଦ୍ୱାରା ମନୋନୀତ ବ୍ୟକ୍ତି/ଉତ୍ପାଦକ କମ୍ପାନୀ/ନିର୍ଦ୍ଦେଶକ/ପଦାଧିକାରୀ/ସମାପକ/ଅତୀତ ଓ ବର୍ତ୍ତମାନ (ଉତ୍ପାଦକ କମ୍ପାନୀର ଗଠନ, ପରିଚାଳନା କିମ୍ବା ବ୍ୟବସାୟ ସମ୍ପର୍କିତ) ମଧ୍ୟରେ ବିବାଦ | ମଧ୍ୟସ୍ଥତା ଓ ମିଳାମିଶା ଅଧିନିୟମ ୧୯୬୬ ଅନ୍ତର୍ଗତ ମିଳାମିଶା ଓ ମଧ୍ୟସ୍ଥତା ଦ୍ୱାରା ସମାଧାନ କରାଯିବା ଉଚିତ (ଏହାର ଗଠନକୁ ନେଇ ବିବାଦ/ପରିଚାଳନା/ବ୍ୟବସାୟ କି ନୁହେଁ, ଏସବୁ କ୍ଷେତ୍ରରେ ମଧ୍ୟସ୍ଥିଙ୍କ ନିଷ୍ପତ୍ତି ହେଉଛି ଚୂଡ଼ାନ୍ତ ନିଷ୍ପତ୍ତି । |

**କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ର ପ୍ରଶାସନିକ ବ୍ୟବସ୍ଥା**

କୃଷକ ଉତ୍ପାଦକ ସଂଗଠନରପ୍ରଶାସନ କିମ୍ବା ପରିଚାଳନା ବ୍ୟବସ୍ଥା ଏକ ସଫଳ କୃଷକ ଉତ୍ପାଦକ ସଂଗଠନ ପରିଚାଳନା ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାଗକୁ ଗଠନ କରିଥାନ୍ତି। କମ୍ପାନୀର ବିଭିନ୍ନ ଅଭିନେତା ଯଥା ଅଂଶଧନକାରୀ କିମ୍ବା ସଦସ୍ୟ, ନିର୍ଦ୍ଦେଶକ ମଣ୍ଡଳୀ ଏବଂ କମ୍ପାନୀର କାର୍ଯ୍ୟନିର୍ବାହୀ କର୍ମଚାରୀ କିମ୍ବା ପଦାଧିକାରୀଙ୍କ ଦ୍ୱାରା ଏହାକୁ ପରିଚାଳନା କରାଯାଇଥାଏ।

- ସାଧାରଣ ସଭା
- ନିର୍ଦ୍ଦେଶକ ମଣ୍ଡଳୀ
- ପଦାଧିକାରୀ

**କୃଷକ ଉତ୍ପାଦକ ସଂଗଠନର ପରିଚାଳନାଗତ ସଂରଚନା**



ନିର୍ଦ୍ଦେଶକ ମଣ୍ଡଳୀମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ସାଧାରଣ ସଭା

ହିସାବ ରକ୍ଷକ ବିପଣନ ପ୍ରବନ୍ଧକ ସଦସ୍ୟ ସମ୍ପର୍କ ଅଧିକାରୀ

ଗୋଦାମଘର ପ୍ରବନ୍ଧକ ବୈଷୟିକ ବିଶେଷଜ୍ଞ, ପ୍ରୋକ୍ୟୁରମେ କର୍ମଚାରୀ, ବୈଷୟିକ କର୍ମଚାରୀ

**ସଦସ୍ୟ.**

କ) ଏଫ୍‌ପିଓର ଜଣେ ସଦସ୍ୟଙ୍କୁ ବ୍ୟକ୍ତି କିମ୍ବା ଉତ୍ପାଦକ ଅନୁଷ୍ଠାନ ଭାବେ ବ୍ୟାଖ୍ୟା କରାଯାଇଛି, ଅନ୍ତର୍ଭୁକ୍ତ ଥାଆନ୍ତୁ କି ନଥାନ୍ତୁ

ଖ) ସଦ୍ୟସତା ସ୍ୱେଚ୍ଛାକୃତ ଏବଂ ସମସ୍ତ ଯୋଗ୍ୟ ସଦସ୍ୟଙ୍କ ପାଇଁ ଉପଲବ୍ଧ (କମ୍ପାନୀର ଆସୋସିଏସନ୍‌ର ଅନୁଚ୍ଛେଦରେ ସଦସ୍ୟତାର ମାନଦଣ୍ଡକୁ ବ୍ୟାଖ୍ୟା କରାଯାଇଛି) ଯେଉଁମାନେ ଏଫ୍‌ପିଓର ସେବା ଓ ସୁବିଧା ନେଇପାରିବେ।

ଗ) ଯେତେବେଳେ କମ୍ପାନୀର ଅଂଶଧନ ଗୋଟିଏରୁ ଅଧିକ ବ୍ୟକ୍ତିଙ୍କ ନାମରେ ରଖାଯାଇପାରିବ ଏଭଳି ସଦସ୍ୟତାକୁ 'ଯୁଗ୍ମ ସଦ୍ୟସତା' ବୋଲି କୁହାଯାଇଥାଏ।

ଘ) କମ୍ପାନୀ ଅଧିନିୟମ ଅନ୍ତର୍ଗତ ସଂଯୁକ୍ତ ରୂପେ ଅଂଶଧନ ରଖିବଥିବା ବ୍ୟକ୍ତିଙ୍କ ସଂଖ୍ୟାର କୌଣସି ସୀମା ନାହିଁ।

ଙ) ଜଣେ ଉତ୍ପାଦକ ଏକ ରୁ ଅଧିକ ଏଫ୍‌ପିରେ ନିଜର ସଦସ୍ୟତା ରଖିପାରିବେ, କିନ୍ତୁ ସର୍ତ୍ତ ହେଉଛି ଯେ ଏଫ୍‌ପିଓ ଗୁଡ଼ିକ ଭିନ୍ନ ଭିନ୍ନ ସାମଗ୍ରୀ/ବ୍ୟବସାୟରେ ଥିବା ଆବଶ୍ୟକ ଏବଂ ଉତ୍ପାଦକ ପରିବାର ସମ୍ପର୍କିତ ସାମଗ୍ରୀ ଉତ୍ପାଦନରେ ନିୟୋଜିତ ଥିବା ଆବଶ୍ୟକ।

**ସଦସ୍ୟତା ଗ୍ରହଣ କରିବାର ଉପାୟ**

କ) **ସଂସ୍ଥା ନିୟମାବଳୀ ପାଇଁ ସଦସ୍ୟତା (ଏମ୍‌ଓଏ):** ଜଣେ ବ୍ୟକ୍ତି ଯିଏ ପ୍ରସ୍ତାବିତ ଏଫ୍‌ପିଓରେ ଏମ୍‌ଓଏ ସଦସ୍ୟତା ନେଇଥାଏ, ସେ କିଣିଥିବା ଅଂଶଧନ ସହିତ କମ୍ପାନୀ ସ୍ଥାପନ ହେବା ପରେ ସେ ଆପେ ଆପେ ଏହାର ସଦସ୍ୟ ହୋଇଯାଇଥାଏ ଏବଂ ସେ ଏମ୍‌ଓଏ ଦ୍ୱାରା ବୈଧ କାରଣ ଯୋଗୁଁ ଅଂଶଧନ ସର୍ପମଣ କରିବା ରାଜି ହେବା ପର୍ଯ୍ୟନ୍ତ କିମ୍ବା ଗ୍ରାହକ ନିଜେ ଅନ୍ୟ କାହାରିକୁ ଅଂଶଧନ ସ୍ଥାନାନ୍ତର ନ କରିବା ପର୍ଯ୍ୟନ୍ତ ଏହାର ସଦସ୍ୟ ହୋଇ ରହିଥାଏ।

ଖ) **ଲିଖିତ ଆକାରରେ ସହମତି ପ୍ରଦାନ:** କୌଣସି କମ୍ପାନୀର ସଦସ୍ୟ ହେବା ପାଇଁ ଦୁଇଟି ଜରୁରୀ ସର୍ତ୍ତ ରହିଛି, ଏମ୍‌ଓଏର ସଦସ୍ୟତା ନେବା ବ୍ୟତୀତ ଲିଖିତ ଆକାରରେ ଏକ ଚୁକ୍ତି ସହିତ ଏହାର ସଦସ୍ୟତା ମିଳିପାରିବ।

ଗ) **ଅଂଶଧନର ସ୍ଥାନାନ୍ତରଣ:** ବର୍ତ୍ତମାନର ଏକ ସଦସ୍ୟଠାରୁ ସମସ୍ତ ଅଂଶଧନ କିମ୍ବା କମ୍ପାନୀର କୌଣସି ଅଂଶଧନ କିଣି ଏଫ୍‌ପିଓର ସଦସ୍ୟତା ହାସଲ କରାଯାଇପାରିବ। ଏକ ସ୍ଥାନାନ୍ତର ଦସ୍ତାବିଜ୍‌କୁ ଉଭୟ ଅଂଶଧନ ସ୍ଥାନାନ୍ତର କରୁଥିବା ବ୍ୟକ୍ତି ଓ ଅଂଶଧନ ହାସଲ କରୁଥିବା ବ୍ୟକ୍ତି ଦ୍ୱାରା ବିଧିବଧ ଭାବେ କାର୍ଯ୍ୟକାରୀ କରାଯିବା ସହିତ କମ୍ପାନୀ ନିକଟରେ ଅଂଶଧନ ପ୍ରମାଣପତ୍ର ଜମା କରାଯିବା ଉଚିତ। ଅବଶ୍ୟ, ଅଂଶଧନ ସ୍ଥାନାନ୍ତର କରୁଥିବା ବ୍ୟକ୍ତି ଲିଖିତ ଆକାରରେ ଏକ ନିର୍ଦ୍ଦିଷ୍ଟ ଫର୍ମ ପୁରଣ କରି ଦେବା ସହିତ ଏହାକ କମ୍ପାନୀ ଖାତାରେ ପଞ୍ଜୀକୃତ ହେବା ପରେ ଅଂଶଧନ ହାସଲ କରିଥିବା ବ୍ୟକ୍ତିକୁ ସଦସ୍ୟତା ପ୍ରଦାନ କରାଯାଇପାରିବ।

ଘ) **ଅଂଶଧନର ସଂଚାରଣ:**ଜଣେ ବ୍ୟକ୍ତି କୌଣସି ସଦସ୍ୟର ମୃତ୍ୟୁ କିମ୍ବା ଦେବାଳିଆ ହେବା କାରଣରୁ କିମ୍ବା ଅନ୍ୟ କୌଣସି କାରଣରୁ କମ୍ପାନୀର ଅଂଶଧନ ହାସଲ କରିପାରେ। ଅବଶ୍ୟ, ଜଣେ ବ୍ୟକ୍ତି  ଲିଖିତ ଆକାରରେ ଆବେଦନ କରିବା, କମ୍ପାନୀକୁ ସଦସ୍ୟ ହେବା ପାଇଁ ଅନୁରୋଧ କରିବା ଏବଂ କମ୍ପାନୀ ସେହି ବ୍ୟକ୍ତିଙ୍କ ନାମ ସଦସ୍ୟ ରେଜିଷ୍ଟରରେ ଲେଖିବା ପରେ ହିଁ ଜଣଙ୍କୁ ସଦସ୍ୟତା ପ୍ରଦାନ କରାଯାଇପାରିବ।

**ସଦସ୍ୟମାନଙ୍କ ଅଧିକାର**

କ) ତାଙ୍କ ଅଂଶଧନକୁ ସ୍ଥାନାନ୍ତର କରିବା

ଖ) ଏଫ୍‌ପିଓ ବୈଠକରେ ପ୍ରସ୍ତାବଗୁଡ଼ିକ ଉପରେ ଭୋଟ କରିବା। ପ୍ରତ୍ୟେକ ସକ୍ରିୟ ସଦସ୍ୟଙ୍କ ଗୋଟିଏ ଭୋଟ ରହିବ ଓ ନୂତନ ରୂପେ ସଦସ୍ୟତା ହାସଲ କରିଥିବା ବ୍ୟକ୍ତି ଅତିକମ୍‌ରେ ୬ ମାସ ପର୍ଯ୍ୟନ୍ତ ଭୋଟ ଦେଇପାରିବେ ନାହିଁ (କିମ୍ବା ଏଫ୍‌ପିଓର ବୋର୍ଡ଼ ଦ୍ୱାରା ନିର୍ଦ୍ଧାରିତ କରାଯିବା ପର୍ଯ୍ୟନ୍ତ)

ଗ) କମ୍ପାନୀର ଏକ ଉଲ୍ଲେଖନୀୟ ସାଧାରଣ ବୈଠକ ପାଇଁ ଅନୁରୋଧ ପ୍ରସ୍ତାବ ଦେବା

ଘ) ସାଧାରଣ ସଭା ବୈଠକରେ ଯୋଗଦେବା ଓ ଅଂଶଗ୍ରହଣ ନିମନ୍ତେ ବିଜ୍ଞପ୍ତି ପାଇବା

ଙ) କମ୍ପାନୀକୁ ଏହାର ପ୍ରସ୍ତାବଗୁଡ଼ିକ ପ୍ରସାରିତ କରିବା ପାଇଁ

ଚ) ନିର୍ଦ୍ଦେଶକଙ୍କୁ ନିର୍ବାଚିତ କରିବା ଏବଂ ସେମାନଙ୍କ ମାଧ୍ୟମରେ କମ୍ପାନୀର ପରିଚାଳନା ବ୍ୟବସ୍ଥାରେ ଅଂଶଗ୍ରହଣ କରିବା

ଛ) ଉତ୍ପୀଡ଼ନ ମାମଲାରେ ଆଶ୍ୱସ୍ତି ପାଇବା ପାଇଁ କମ୍ପାନୀର ଆଇନ ପରିଷଦରେ ଆବେଦନ କରିବା

ଜ) କୁପରିଚାଳନା ମାମଲାରେ ଆଶ୍ୱସ୍ତି ପାଇଁ କମ୍ପାନୀର ଆଇନ ପରିଷଦରେ ଆବେଦନ କରିବା କିମ୍ବା କମ୍ପାନୀକୁ ବନ୍ଦ କରିବା ପାଇଁ କୋର୍ଟରେ ଆବେଦନ କରିବା

ଝ) କମ୍ପାନୀର ଲାଭକୁ ଉପଭୋଗ କରିବା, କମ୍ପାନୀ ବନ୍ଦ ହେବା କ୍ଷେତ୍ରରେ ଅଧିକ ଅଂଶଧନ ହାସଲ କରିବା ଏବଂ ତାଙ୍କ ଅଂଶଧନ ସଂକ୍ରାନ୍ତରେ ତାଙ୍କ ନାମରେ ଏକ ଅଂଶଧନ ପ୍ରମାଣପତ୍ର ଜାରି କରିବା

(ଆବଶ୍ୟକୀୟ ନ୍ୟୁନତମ ସଂଖ୍ୟାର ଅଂଶଧନ ରଖିଥିବା ସଦସ୍ୟ ଏହି ଅଧିକାରର ପ୍ରୟୋଗ କରିପାରିବେ। ଅନ୍ୟଥା, ସେମାନେ କିଛି ଅଂଶୀଦାରମାନଙ୍କ ସହିତ ମିଳିତ ଭାବେ ଏହାର ପ୍ରୟୋଗ କରିପାରିବେ)

**ସାଧାରଣ ସଭା**

ସାଧାରଣ ସଭା ହେଉଛି ସର୍ବୋଚ୍ଚ କର୍ତ୍ତୃପକ୍ଷ ଏବଂ ଆଇନ ଅନୁଯାୟୀ ଏଥିରେ ଗୁରୁତ୍ୱପୂର୍ଣ୍ଣ ନିହିତ କ୍ଷମତା ରହିଛି। ସାଧାରଣ ସଭାର ନିମ୍ନଲିଖିତ କ୍ଷମତାଗୁଡ଼ିକ ଅନ୍ତର୍ଭୁକ୍ତ।

କ) କମ୍ପାନୀର ବାର୍ଷିକ ବଜେଟ୍‌ର ଅନୁମୋଦନ

ଖ) କମ୍ପାନୀର ବାର୍ଷିକ ଆକାଉଣ୍ଟ୍‌ସ୍‌କୁ ଗ୍ରହଣ କରିବା

ଗ)　ଅଟକ ରଖାଯାଇଥିବା ମୂଲ୍ୟର ପରିମାଣକୁ ଅନୁମୋଦନ

ଘ)　ପୃଷ୍ଠପୋଷକତା ବୋନସ୍‌କୁ ଅନୁମୋଦନ

ଙ)　ସଦସ୍ୟମାନଙ୍କୁ ବୋନସ୍‌ର ଅଂଶଧନ ପ୍ରଦାନକୁ ପ୍ରାଧିକୃତ କରିବା

ଚ)　କମ୍ପାନୀର ବାର୍ଷିକ ଆକାଉ　କୁ ସମୀକ୍ଷା କରିବା ପାଇଁ ସମୀକ୍ଷଙ୍କ ନିଯୁକ୍ତି

ଛ)　ଲାଭାଂଶ ଘୋଷଣା କରିବା ଓ ପୃଷ୍ଠପୋଷକତା ବିତରଣର ନିଷ୍ପତ୍ତି ନେବା

ଜ)　ସଂସ୍ଥାର ନିୟମାଳବୀ ଓ ଅନୁଚ୍ଛେଦରେ ସଂଶୋଧନକୁ ଲାଗୁ କରିବା

ଝ) କୌଣସି ନିର୍ଦ୍ଦେଶକଙ୍କୁ ବୋର୍ଡ଼ ଦ୍ୱାରା ଦିଆଯିବାକୁ ଥିବା ଋଣର ସର୍ତ୍ତ ଓ ସୀମାକୁ ନିର୍ଦ୍ଧାରିତ କରିବା

ଞ) ସଦସ୍ୟମାନଙ୍କ ଦ୍ୱାରା ନିଷ୍ପତ୍ତି ନେବା ପାଇଁ ଅଚୁଛେଦରେ ସଂରକ୍ଷିତ ରଖାଯାଇଥିବା ନିର୍ଦ୍ଦିଷ୍ଟ ଅନ୍ୟ କୌଣସି ବିଷୟକୁ ଅନୁମୋଦନ କରିବା।

**ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି)**

ନିର୍ଦ୍ଦେଶକ ମଣ୍ଡଳୀ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହୀ ସଭା। ପ୍ରତ୍ୟେକ କମ୍ପାନୀର ଏକ ନିର୍ଦ୍ଦେଶକ ମଣ୍ଡଳୀ ରହିବା ଆବଶ୍ୟକ।

ଏମ୍ଓଏ ଓ ଏଓଏରେ ହସ୍ତାକ୍ଷର କରିଥିବା ସଦସ୍ୟମାନେ ପ୍ରଥମ 'ନିର୍ଦ୍ଦେଶକ ମଣ୍ଡଳୀ' ରେ ନାମିତ ହୋଇପାରିବେ' ଓ ସାଧାରଣ ସଭା ବୈଠକ ଦ୍ୱାରା ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶକ ନିର୍ବାଚିତ ହେବା ପର୍ଯ୍ୟନ୍ତ କୃଷକ ଉତ୍ପାଦକ କମ୍ପାନୀ (ଏଫ୍‌ପିସି) ର ସମସ୍ତ ମାମଲାର ପରିଚାଳନା କରିପାରିବେ। ପ୍ରତ୍ୟେକ ନିର୍ଦ୍ଦେଶକଙ୍କୁ ସାଧାରଣ ବୈଠକରେ ନ୍ୟୁତନମ ଗୋଟିଏ ବର୍ଷ ଓ ସର୍ବାଧିକ ୫ ବର୍ଷ ପାଇଁ ଚୟନ କରାଯାଇଥାଏ। ନିର୍ଦ୍ଦେଶକ ମଣ୍ଡଳୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓ ନିର୍ଦ୍ଦେଶକଙ୍କୁ ଛାଡ଼ିଦେଲେ ବାକି ସମସ୍ତେ ରୋଟେସନ୍ ପ୍ରକ୍ରିୟା ଅନୁସାରେ ଅବସର ଗ୍ରହଣ କରିବେ।

**ନିର୍ଦ୍ଦେଶକଙ୍କ ନିର୍ବାଚନ**

କ)　ଉତ୍ପାଦକ କମ୍ପାନୀ ପଞ୍ଜୀକରଣ ହେବାର ୯୦ ଦିନ ମଧ୍ୟରେ ନିର୍ଦ୍ଦେଶକଙ୍କ ନିର୍ବାଚନ ଆୟୋଜନ କରାଯିବା ଉଚିତ।

ଖ)　ଉତ୍ପାଦକ କମ୍ପାନୀ ଭାବେ ଅନ୍ତର୍ଭୁକ୍ତ କରାଯାଇଥିବା "ଆନ୍ତଃରାଜ୍ୟ ସମବାୟ ସଂସ୍ଥା ଅନ୍ୟ କମ୍ପାନୀଗୁଡ଼ିକ ପାଇଁ ଧାର୍ଯ୍ୟ କରାଯାଇଥିବା ୯୦ ଦିନର ସମୟସୀମା ୩୬୫ ଦିନର ବିଶେଷାଧିକାରର ଲାଭ ନେଇପାରିବେ।

**ନିର୍ଦ୍ଦେଶକ ମଣ୍ଡଳୀର ଭୂମିକା ଓ ଦାୟିତ୍ୱ**

ନିର୍ଦ୍ଦେଶକ ମଣ୍ଡଳୀ ନିକଟରେ ନିମ୍ନଲିଖିତ ମାମଲାଗୁଡ଼ିକ ସମ୍ପର୍କରେ ଏଫ୍‌ପିଓର ପ୍ରଦର୍ଶନକୁ ବ୍ୟବସ୍ଥିତ, ନିରୀକ୍ଷଣ ଓ ତଦାରଖ କରିବାର ଅଧିକାର ଓ ଦାୟିତ୍ୱ ରହିଛି।

କ) ସଦସ୍ୟଙ୍କୁ ଦିଆଯିବାକୁଥିବା ଲାଭାଂଶର ପରିମାଣ ନିର୍ଦ୍ଧାରଣ

ଖ) ଅଟକ ରଖାଯାଇଥିବା ମୂଲ୍ୟର ପରିମାଣ ନିର୍ଦ୍ଧାରଣ ଓ ସାଧାରଣ ସଭାରେ ଅନୁମୋଦିତ ହେବାକୁଥିବା ପୃଷ୍ଠପୋଷକତା ପାଇଁ ସୁପାରିଶ

ଗ) ଏଫ୍‌ପିଓରେ ନୂତନ ସଦସ୍ୟଙ୍କ ପ୍ରବେଶ

ଘ) ସଂଗଠନାତ୍ମକ ନୀତି, ଆଭିମୁଖ୍ୟକୁ ଅନୁସରଣ କରିବା ଓ ବ୍ୟବସ୍ଥିତ କରିବା, ଦୀର୍ଘସ୍ଥାୟୀ ଓ ବାର୍ଷିକ ଆଭିମୁଖ୍ୟର ସ୍ଥାପନା

ଙ) କମ୍ପାନୀର କର୍ପୋରେଟ୍ ରଣନୀତି ଓ ଆର୍ଥିକ ଯୋଜନାକୁ ଅନୁମୋଦନ କରିବା

ଚ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓ ଅନ୍ୟ ଅଧିକାରୀଙ୍କ ନିଯୁକ୍ତି

ଛ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧକାରୀ (ସିଇଓ) ଏବଂ ଅନ୍ୟ ଅଧିକାରୀଙ୍କ ଉପରେ ତଦାରଖ, ନିର୍ଦ୍ଦେଶକ ଓ ନିୟନ୍ତ୍ରଣର ପ୍ରୟୋଗ କରିବା

ଜ) ନିର୍ଦ୍ଦେଶକ କିମ୍ବା ସମ୍ପର୍କୀୟ ନଥିବା କୌଣସି ସଦସ୍ୟଙ୍କୁ ଏଫ୍‌ପିଓ ବ୍ୟବସାୟ ସମ୍ପର୍କିତ କାର୍ଯ୍ୟ ପାଇଁ ଋଣ କିମ୍ବା ଅଗ୍ରୀମ ରାଶି ପାଇଁ ମଞ୍ଜୁରୀ ପ୍ରଦାନ କରିବା

ଝ) କମ୍ପାନୀର ପାଣ୍ଠିର ବିନିଯୋଗ

ଞ) କମ୍ପାନୀର ସମ୍ପତ୍ତି ଅଧିଗ୍ରହଣ କିମ୍ବା ଏହାକୁ ଡିସ୍‌ପୋଜ କରିବା

ଟ) ବହିଖାତା ମୁଖ୍ୟତଃ କମ୍ପାନୀର 'ଆକାଉ   ଖାତା' ତଦାରଖ କ୍ଷମତାର ପ୍ରୟୋଗ କରିବା

ଠ) କମ୍ପାନୀର ବାର୍ଷିକ ସମୀକ୍ଷାକୁ ସୁନିଶ୍ଚିତ କରିବା

ଡ) ସମୀକ୍ଷକଙ୍କ ରିପୋର୍ଟ ସହିତ ବାର୍ଷିକ ସାଧାରଣ ବୈଠକରେ ବାର୍ଷିକ ଆକଉ  ସ୍ ଉପସ୍ଥାପନ କରିବା

**ନିର୍ଦ୍ଦେଶକ ମଣ୍ଡଳୀର ଯୋଗଦାନ**

କୃଷକ ଉତ୍ପାଦକ ସଂଗଠନ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ଯୋଗାଦାନ ଭଳି କିଛି ସ୍ୱତନ୍ତ୍ର ସ୍ଥିତିରେ ଅନୁଦାନ କିମ୍ବା ଦାନ ନେଇପାରିବ କୃଷକ ଉତ୍ପାଦକ ସଂଗଠନ ଏକ ବିଶେଷ ପ୍ରସ୍ତାବ ମାଧ୍ୟମରେ ଏଫ୍‌ପିଓ ସଦସ୍ୟ କିମ୍ବା ଅନ୍ୟ ଉତ୍ପାଦକ କିମ୍ବା ଜନତାଙ୍କ ସାମାଜିକ ଓ ଆର୍ଥିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା ପାଇଁ କିମ୍ବା ପାରସ୍ପରିକ ସହାୟତା ସିଦ୍ଧାନ୍ତକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କୌଣସି ସଂସ୍ଥା ଓ ବ୍ୟକ୍ତିଙ୍କୁ ଦାନ କିମ୍ବା ସଦସ୍ୟତା ପ୍ରଦାନ କରିପାରିବ।

**ପଦାଧିକାରୀ**

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ), ପରିଚାଳନା ନିର୍ଦ୍ଦେଶକ, ଆକାଉ  ାଟ, ଷ୍ଟୋରକିପର ଭଳି କମ୍ପାନୀର ନୀତିଦିନିଆ ମାମଲାର ଦେଖାଶୁଣା କରିବା ପାଇଁ କମ୍ପାନୀ ଦ୍ୱାରା ଔପଚାରିକ ଭାବରେ ପଦାଧିକାରୀଙ୍କ ନିଯୁକ୍ତି କରାଯାଇଥାଏ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)**

ଏକ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କମ୍ପାନୀର ଜଣେ ପୁର୍ଣ୍ଣକାଳୀନ କର୍ମଚାରୀ ହେବା ଉଚିତ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କମ୍ପାନୀର ସଦସ୍ୟମାନଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ନିଯୁକ୍ତ ହେବା ଉଚିତ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବୋର୍ଡ଼ର ପୂର୍ବତନ ଅଫିସ୍ ନିର୍ଦ୍ଦେଶକ ହେବା ସହିତ ରୋଟେସନ୍ ନୀତିରେ ଅବସର ଗ୍ରହଣକରିନଥିବା ଉଚିତ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତି**

"୧୦୦୦୦ ଏଫ୍‌ପିଓର ଗଠନ ଓ ପ୍ରସାର" ନିୟମାବଳୀ ପାଇଁ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଅନୁସାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କ ଯୋଗ୍ୟତାଗୁଡ଼ିକ ହେଉଛି:

କ) କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ନିଯୁକ୍ତ ହେବାକୁଥିବା ସିଇଓ/ପ୍ରବନ୍ଧକ, କୃଷି /କୃଷି ବିପଣନ/କୃଷି ବ୍ୟବସାୟ ପରିଚାଳନାରେ ଗ୍ରାଜୁଏଟ୍ କିମ୍ବା ବିବିଏ କିମ୍ବା ସମାନ ଯୋଗ୍ୟତାପ୍ରାପ୍ତ ହେବା ଆବଶ୍ୟକ।

ଖ) ଯୁକ୍ତ ୨ ଯୋଗ୍ୟତା ସହିତ ସ୍ଥାନୀୟ ଅ ଳରେ ଉପଲବ୍ଧ ଏବଂ କୃଷି /କୃଷି ବିପଣନ/କୃଷି ବ୍ୟବସାୟ ପରିଚାଳନା କିମ୍ବା ସମ୍ପର୍କିତ କ୍ଷେତ୍ରରେ ଡିପ୍ଲୋମା କରିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଙ୍କ ଭୂମିକା ଓ ଦାୟିତ୍ୱ

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କମ୍ପାନୀର ନିତିଦିନିଆ କାର୍ଯ୍ୟର ପରିଚାଳନା ସହିତ ନିୟମିତ ଭାବେ ସମସ୍ତ ପ୍ରଶାସନିକ କାର୍ଯ୍ୟର କରିବା ଉଚିତ।

କ) ବ୍ୟାଙ୍କ୍ ଖାତା ପରିଚାଳନା କରିବେ କିମ୍ବା କମ୍ପାନୀ ପକ୍ଷରୁ ଅନ୍ୟ କୌଣସି ଅଧିକାରୀଙ୍କୁ ଅଧିକୃତ କରିବେ (ଏହା ବୋର୍ଡ଼ର ସାଧାରଣ କିମ୍ବା ସ୍ୱତନ୍ତ୍ର ଅନୁମୋଦନ ଉପରେ ନିର୍ଭର କରୁଛି)

ଖ) କମ୍ପାନୀର ନଗଦ ରାଶି ଏବଂ ଅନ୍ୟ ସମ୍ପତ୍ତିର ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ।

ଗ) ବୋର୍ଡ଼ ଦ୍ୱାରା ଅଧିକୃତ କରାଯାଇଥିବାରୁ କମ୍ପାନୀ ତରଫରୁ ଓ କମ୍ପାନୀ ପାଇଁ ବ୍ୟବସାୟ ସମ୍ପର୍କିତ ସମସ୍ତ ଦସ୍ତାବିଜ ଉପରେ ହସ୍ତାକ୍ଷର କରିବେ।

ଘ) ଆକାଉ   ଖାତାଗୁଡ଼ିକ ଭଲ ଭାବେ ଅପଟେଡ଼ କରି ରଖିବା, ବାର୍ଷିକ ଆକାଉ   ପ୍ରସ୍ତୁତ କରିବା, ସଦସ୍ୟମାନଙ୍କ ବାର୍ଷିକ ସାଧାରଣ ବୈଠକରେ ବୋର୍ଡ଼ ଆଗରେ ସମୀକ୍ଷା କରାଯାଇଥିବା ଆକାଉଣ୍ଟସ୍ ରିପୋର୍ଟ ଉପସ୍ଥାପନା କରିବା।

ଙ) ସଦସ୍ୟମାନଙ୍କୁ କମ୍ପାନୀର ସଂଚାଳନ ଓ କାର୍ଯ୍ୟ ସମ୍ପର୍କରେ ଅବଗତ କରିବା ପାଇଁ ସେମାନଙ୍କୁ ସମୟ ସମୟରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିବା।

ଚ) କମ୍ପାନୀର ଆବଶ୍ୟକତା ଅନୁସାରେ ବିଭିନ୍ନ ପଦବୀ ପୁରଣ କରିବା

ଛ) କମ୍ପାନୀର ଲକ୍ଷ୍ୟ, ଉଦ୍ଦେଶ୍ୟ, ରଣନୀତି, ଯୋଜନା ଏବଂ ନୀତି ଗଠନ କରିବାରେ ବୋର୍ଡ଼କୁ ସାହାଯ୍ୟ କରିବା।

**ଆକାଉଣ୍ଟାଟ୍**

ଜଣେ ଆକାଉଣ୍ଟ । କୃଷକ ଉତ୍ପାଦକ ସଂଗଠନର ନିତିଦିନିଆ ଆକାଉଣ୍ଟିଂ କାର୍ଯ୍ୟ ଦେଖାଶୁଣା କରନ୍ତି।

**ଆକାଉଣ୍ଟର ଭୂମିକା ଓ ଦାୟିତ୍ୱ**

ଜଣେ ଆକାଉ । ନିମ୍ନଲିଖିତ କାର୍ଯ୍ୟ କରିବା ଉଚିତ:

କ) ଆକାଉ । ଖାତା ଅପଟେଡ଼ ଓ ରକ୍ଷଣାବେକ୍ଷଣ କରିବା

ଖ) ସାଧାରଣ ପ୍ରଶାସନ, ଲଜିଷ୍ଟିକ୍ , ରିପୋର୍ଟିଂ ଇତ୍ୟାଦି କାର୍ଯ୍ୟ

ଗ) ସମସ୍ତ ତଥ୍ୟ/ସୂଚନା ପରିଚାଳନା ପାଇଁ ଉ ରଦାୟୀ ରହିବେ

ଘ) ଅନୁପାଳନ ପାଇଁ ଉ ରଦାୟୀ ରହିବେ

**ଝରକ୍ଷରମଷ୍ପସକ୍ଟଭ କ୍ଟଲ ଇମମକ୍ଟଙ୍କଭଷ୍ପବଭଷ୍ପ**

***The qualifications of an Accountant as per the Central Sector Scheme for "Formation and Promotion of 10,000 FPOs" guidelines are:***

i. The accountant should have educational qualification of 10+2 with Mathematics as a compulsory subject or alternatively with Commerce or Accountancy background.

**ଆକାଉଣ୍ଟର ଚୟନ ପ୍ରକ୍ରିୟା**

"୧୦୦୦୦ ଏଫ୍‌ପିଓର ଗଠନ ଓ ପ୍ରସାର" ନିୟମାବଳୀ ପାଇଁ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଅନୁସାରେ ଆକାଉ । ଙ୍କ ଯୋଗ୍ୟତାଗୁଡ଼ିକ ହେଉଛି:

କ) ଜଣେ ଆକାଉ । ର ଶିକ୍ଷାଗତ ଯୋଗ୍ୟ ଯୁକ୍ତ ୨ ହେବା ସହିତ ଗଣିତ ଏକ ଅନିବାର୍ଯ୍ୟ ବିଷୟ ରହିଥିବା ଆବଶ୍ୟକ କିମ୍ବା ବିକଳ୍ପ ରୂପେ କମର୍ସ କିମ୍ବା ଆକାଉଣ୍ଟିଂ ପୃଷ୍ଠଭୂମିର ହୋଇଥିବା ଆବଶ୍ୟକ।

**ଅନ୍ୟ କାର୍ଯ୍ୟରତ କର୍ମଚାରୀ**

ବ୍ୟବସାୟିକ ଆବଶ୍ୟକତା ଓ ଏହା ଉପରେ ଗୁରୁତ୍ୱ ଦେବା ପାଇଁ ସିଇଓ ବୋର୍ଡ଼ଙ୍କ ସହିତ ଆଲୋଚନା ମାଧ୍ୟମରେ ସ୍ୱତନ୍ତ୍ର କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରିପାରିବେ। ବୋର୍ଡ଼ ନୂତନ ନିଯୁକ୍ତି/ନୂତନ ପଦବୀ, ନୂତନ ସ୍ତର ଏବଂ ସ୍ଥିତିବାନ ପଦବୀକୁ ରଦ୍ଦ କରିବା କିମ୍ବା ପୁନଃ ନାମିତ କରିବା ପାଇଁ **ସକ୍ଷମ ରହିବା ଉଚିତ**

ସ୍ୱତନ୍ତ୍ର କର୍ମଚାରୀ ମଧ୍ୟରେ ନିମ୍ନଲିଖିତ ପଦବୀ ଅନ୍ତର୍ଭୁକ୍ତ:

କ) ବିପଣନ ପ୍ରବନ୍ଧକ

ଖ) ଗୋଦାମ ଘର ପ୍ରବନ୍ଧକ

ଗ) ସଦସ୍ୟତା ସମ୍ପର୍କ ପ୍ରବନ୍ଧକ

ଘ) ପ୍ରୋକ୍ୟୁରମେ   କର୍ମଚାରୀ

ଙ) ବୈଷୟିକ ବିଶେଷଜ୍ଞ

**ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)**

କୃଷକ ଉତ୍ପାଦକ ସଂଗଠନର ଅତିକମ୍‌ରେ ବର୍ଷକୁ ଥରେ ବୈଠକ କରିବା ଉଚିତ, ଏଥିରେ ମୋଟ ସଦସ୍ୟମାନଙ୍କ ମଧ୍ୟରେ ଏକ ଚତୁର୍ଥାଂଶ କୃଷକ ରହିବା ଆବଶ୍ୟକ।

କ)  ମୁଖ୍ୟତଃ କମ୍ପାନୀର ଅଗ୍ରଗତି ଉପରେ ଅଲୋଚନା ଓ ସମୀକ୍ଷା କରିବା ସହିତ ଆଗାମୀ ବର୍ଷ ପାଇଁ ପ୍ରସ୍ତାବିତ ଯୋଜନା ଉପସ୍ଥାପନ କରିବା

ଖ) ନୂତନ ନିର୍ଦ୍ଦେଶକଙ୍କ ନିର୍ବାଚନ କିମ୍ବା ବର୍ତ୍ତମାନ ନିର୍ଦ୍ଦେଶକଙ୍କ ପୁର୍ନବାର ନିର୍ବାଚନର ଆୟୋଜନ

ଗ) ଆଗାମୀ ବର୍ଷ ପାଇଁ ସମୀକ୍ଷଙ୍କୁ ପରିବର୍ତ୍ତନ କରିବା କିମ୍ବା ପୁନଃ-ନିଯୁକ୍ତି ଉପରେ ନିଷ୍ପତ୍ତି ନେବା.

ଘ) କମ୍ପାନୀର ବାର୍ଷିକ ରିପୋର୍ଟର ସମୀକ୍ଷା ଏବଂ ଲାଭାଂଶ ବ  ନ ଉପରେ ନିଷ୍ପତ୍ତି ଗ୍ରହଣ କରିବା

**ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପାଇଁ ମାନକ ପରିଚାଳନା ପଦ୍ଧତି**

କ) କୃଷକ ଉତ୍ପାଦକ ସଂଗଠନକୁ ଏହାର ଆରମ୍ଭ ହେବାର ୯୦ ଦିନ ମଧ୍ୟରେ ପ୍ରଥମ ସାଧାରଣ ସଭାର ଆୟୋଜନ କରିବାକୁ ପଡିବ।

ଖ)  ଦୁଇଟି ଏଜିଏମ୍ ମଧ୍ୟରେ ୧୫ ମାସରୁ ଉର୍ଦ୍ଧ୍ୱ ସମୟର ବ୍ୟବଧାନ ରହିପାରିବ ନାହିଁ।

ଗ)  ଏଜିଏମ୍ ଆୟୋଜନ ହେବାର ୧୪ ଦିନ ପୂର୍ବରୁ ଲିଖିତ ବିଜ୍ଞପ୍ତି ଆକାରରେ ସଦସ୍ୟମାନଙ୍କୁ ସୂଚୀତ କରାଯିବା ଉଚିତ।

ଘ)  କମ୍ପାନୀର ରେଜିଷ୍ଟ୍ରାର କୌଣସି ବିଶେଷ କାରଣ ପାଇଁ, କୌଣସି ବାର୍ଷିକ ସାଧାରଣ ବୈଠକ (ପ୍ରଥମ ବାର୍ଷିକ ସାଧାରଣ ବୈଠକ ହୋଇନଥିବା କ୍ଷେତ୍ରରେ) କୁ ୩ମାସରୁ ଉର୍ଦ୍ଧ୍ୱ ସମୟ ପାଇଁ ଆଗକୁ ବଢାଇବାର ଅନୁମତି ଦେଇପାରିବେ।

ଙ)  ସଦସ୍ୟମାନେ କମ୍ପାନୀର ସଂଘ ଅନୁଚ୍ଛେଦ (ଏଓଏ) କୁ ଗ୍ରହଣ କରିବା ଉଚିତ ଏବଂ ଏଜିଏମ୍‌ରେ ବୋର୍ଡ଼ ପାଇଁ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ।

**ବୋର୍ଡ଼ ବୈଠକ**

କ) ପ୍ରତି ୩ ମାସରେ ଥରେ ବୋର୍ଡ଼ ବୈଠକ କରିବା ଉଚିତ ଏବଂ ପ୍ରତ୍ୟେକ ବର୍ଷ ଅତିକମ୍‌ରେ ଏଭଳି ୪ଟି ବୈଠକ ଆୟୋଜନ ହେବା ଉଚିତ।

ଖ) ଅତିକମ୍‌ରେ ବୈଠକର ୭ ଦିନ ପୂର୍ବରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଡ଼ ବୈଠକ ପାଇଁ ବିଜ୍ଞପ୍ତି ଜାରି କରିବା ଉଚିତ।

ଗ) ଅଳ୍ପ ସମୟରେ ବିଜ୍ଞପ୍ତିରେ ମଧ୍ୟ ବୈଠକ ଡକାଯାଇପାରିବ, କିନ୍ତୁ ଏହାର କାରଣ ବୋର୍ଡ଼ ଦ୍ୱାରା ରେକର୍ଡ଼ କରାଯିବା ଆବଶ୍ୟକ।

ଘ) ସର୍ବନିମ୍ନ ୩ ଜଣ ନିର୍ଦ୍ଦେଶକଙ୍କ  ସହିତ ନିର୍ଦ୍ଦେଶକଙ୍କ ମୋଟ ସଂଖ୍ୟା ସର୍ବନିମ୍ନ ଏକ ତୃତୀୟଂଶ ରହିପାରିବ।

**ମାନକ ନୀତି ଓ ପରିଚାଳନା ପଦ୍ଧତି**

ସଂଗଠନ ପରିଚାଳନାରେ ଦକ୍ଷତା, ସମାନତା ଓ ପାରଦର୍ଶିତା ଆଣିବା ପାଇଁ ଏଫ୍‌ପିଓ ସ୍ତରରେ ନିମ୍ନଲିଖିତ ମାନକ ନୀତି ଓ ପ୍ରକ୍ରିୟାକୁ ବଜାୟ ରଖିବା ଉଚିତ।

- ଆକଉଣ୍ଟିଂ ନୀତି
- ମାନବ ସମ୍ବଳ ନୀତି
- ପ୍ରୋକ୍ୟୁରମେ  ନୀତି
- ଲିଙ୍ଗଗତ ନୀତି
- ଏଫ୍‌ପିଓ ପରିଚାଳନା ପୁସ୍ତିକା

**ବିବାଦର ସମାଧାନ**

ମଧ୍ୟସ୍ଥତା ଓ ମିଳାମିଶା ଅଧିନିୟମ ୧୯୬୬ ଅନ୍ତର୍ଗତ ଆପଷ ବୁଝାମଣା ଓ ମଧ୍ୟସ୍ଥତା ଦ୍ୱାରା ଉତ୍ପାଦକ କମ୍ପାନୀ ସମ୍ପର୍କିତ ବିବାଦର ସମାଧାନ କରାଯିବା ଉଚିତ, କିନ୍ତୁ ବିବାଦ ସହିତ ଜଡ଼ିତ ଥିବା ସମସ୍ତ ପକ୍ଷ ଏଥିପାଇଁ ଲିଖିତ ରୂପେ ସହମତି ଦେବା ଆବଶ୍ୟକ।

**ଆଭ୍ୟନ୍ତରୀଣ ସମୀକ୍ଷା**

କ) ଉତ୍ପାଦକ କମ୍ପାନୀ ନିୟମିତ ବ୍ୟବଧାନରେ ଏହାର ସମସ୍ତ ଆକାଉ  ସ୍ ର ଆଭ୍ୟନ୍ତରୀଣ ସମୀକ୍ଷା କରିବା ଉଚିତ। ତେବେ ଏହି ସମୀକ୍ଷା ଆସୋସିଏସନ୍‌ର ଅନୁଚ୍ଛେଦ ଅନୁସାରେ ଚାଟାର୍ଡ୍ ଆକାଉ  ।  ଦ୍ୱାରା କରାଯିବା ଉଚିତ।

ଖ) ଆଭ୍ୟନ୍ତରୀଣ ସମୀକ୍ଷା ବ୍ୟତୀତ ସମୀକ୍ଷକ ତାଙ୍କ ଦ୍ୱାରା ତଦାରଖ କରାଯାଇଥିବା ଆକାଉ  ସ୍ ଅଧାରରେ କମ୍ପାନୀ ସଦସ୍ୟମାନଙ୍କ ପାଇଁ ବାର୍ଷିକ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ କରିବେ, ଏବଂ ସମସ୍ତ ବାଲାନ୍ସ ସିଟ୍‌ରେ ପ୍ରତ୍ୟେକ ଲାଭ ଓ କ୍ଷତି ଆକାଉ   ଖାତା ଏବଂ ଅଧିନିୟମରେ ଉଲ୍ଲେଖ କରାଯାଇଥିବା ଅନ୍ୟ ସମସ୍ତ ଦସ୍ତାବିଜ୍‌କୁ ନେଇ ବାର୍ଷିକ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ କରିବେ। ଏହା ବାଲାନ୍ସ ସିଟ୍ କିମ୍ବା ଲାଭ ଓ କ୍ଷତି ଆକାଉ   ଖାତା ସହିତ ସଂଲଗ୍ନ ରହିବା ଉଚିତ, ଯାହା ସାଧାରଣ ବୈଠକରେ କମ୍ପାନୀ ସମ୍ମୁଖରେ ଉପସ୍ଥାପନ କରାଯାଇଥାଏ ଏବଂ

**ବ୍ୟବସାୟିକ ଯୋଜନା**

କୃଷକ ଉତ୍ପାଦକ ସଂଗଠନର ସଫଳତାପୂର୍ବକ ପରିଚାଳନା ଏହାର ଦୀର୍ଘସ୍ଥାୟିତ୍ୱ ଦିଗରେ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ପ୍ରତ୍ୟେକ ବ୍ୟବସାୟରେ ଏହାର ପରିମାଣ ଅନୁସାରେ ଯୋଜନାର ଆବଶ୍ୟକତା ରହିଛି, ଏହା ବିସ୍ତୃତ ଭାବେ ଆୟର ସମ୍ଭାବନା ଓ ବ୍ୟୟର କାରଣ



**କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ର ଦୀର୍ଘସ୍ଥାୟିତ୍ୱ ପାଇଁ ମହତ୍ତ୍ୱପୂର୍ଣ୍ଣ ଉପାଦାନ**

କ) **ସଦସ୍ୟତାର ଆଧାର:**ଏଫ୍‌ପିଓ ଏହାର ପଞ୍ଜୀକରଣ ହେବାର ୨ ରୁ ୩ ବର୍ଷ ମଧ୍ୟରେ ୫୦୦ ସଦସ୍ୟ ପର୍ଯ୍ୟନ୍ତ ପହ ିବା ଉଚିତ।

ଖ) ଅଂଶଧନ ପୁଞ୍ଜିର ବ୍ୟବହାର: ଏଫ୍‌ପିଓ ଏହାର ଅଂଶଧନ ରଖିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୧୦୦୦ ରୁ ୨୦୦୦ ଟଙ୍କାର ଅଂଶଧନ ପୁଞ୍ଜି ସଂଗ୍ରହ ପାଇଁ ଲକ୍ଷ୍ୟ ରଖିବା ଉଚିତ, ଯାହାଦ୍ୱାରା ତାଙ୍କ ନିକଟରେ ଏକ ଭଲ ପରିମାଣର ରାଶି ଜମା ହୋଇରହିପାରିବ, ଯାହା ଆଧାରରେ ଅନ୍ୟ ବ୍ୟାଙ୍କ୍ ଓ ଅନ୍ୟ ଆନୁଷ୍ଠାନିକ ବି ୀୟ ସଂସ୍ଥାଠାରୁ ସମାନ ଅଂଶଧନ ପରିମାଣର ଅନୁଦାନ ଓ ଋଣ ଅଣାଯାଇପାରିବ। ଏଫ୍‌ପିଓ ପଞ୍ଜୀକୃତ ହେବାର ପ୍ରଥମ ବର୍ଷ ମଧ୍ୟରେ ୫୦୦୦୦୦ ଟଙ୍କାର ପୁଞ୍ଜି ରୂପେ ରଖିବାକୁ ଉଦ୍ୟମ କରିବା ଉଚିତ।

ଗ) **ସଦସ୍ୟଙ୍କ ସହିତ ଯୋଗାଯୋଗ:**ଏଫ୍‌ପିଓ ଗ୍ରାମ୍ୟ ସ୍ତରରେ ଏଫ୍‌ଆଇଜି/ଜେଏଲ୍‌ଜିଙ୍କ ସହିତ ସୁଦୃଢ ସମ୍ପର୍କ ସ୍ଥାପନ କରିବା ଦିଗରେ ପଦକ୍ଷେପ ନେବା ଉଚିତ।

ଗ) **ବିପଣନ ଯୋଜନା**: ଏଫ୍‌ପିଓଗୁଡ଼ିକ ନିକଟରେ ବିପଣନ ଯୋଗ୍ୟ ବଳକା ଶସ୍ୟ, କୃଷକମାନଙ୍କ ସଂଖ୍ୟା, ହାରାହାରି ଚାଷ ଜମି, ଅମଳ ପରବର୍ତ୍ତୀ ଭିତ୍ତିଭୂମି ପରିଚାଳନା ଉପଲବ୍ଧତା, ସମ୍ଭାବ୍ୟ କ୍ରେତା, ଇନ୍‌ପୁଟ୍ ବ୍ୟବସ୍ଥା, ଋତୁକାଳୀନ ଉତ୍ପାଦନ, ଉତ୍ପାଦନ ଓ ବିପଣନ ସମ୍ପର୍କିତ ବିପଦ ଓ ଆହ୍ୱାନ ସମ୍ପର୍କିତ ବାସ୍ତବିକ ତୃଣମୂଳସ୍ତରୀୟ ତଥ୍ୟ ରହିବା ଉଚିତ।

ଘ) **କାର୍ଯ୍ୟାଳୟ ସ୍ଥାପନ:** କାର୍ଯ୍ୟକ୍ଷେତ୍ରର ଭୌଗଳିକ କ୍ଷେତ୍ରରେ ଏଫ୍‌ପିଓର ଏକ ନିଜସ୍ୱ କାର୍ଯ୍ୟାଳୟ  ଓ ଏଥିରେ ଅତିକମ୍‌ରେ ପଦାଧିକାରୀ ଭାବେ ଯୋଗ୍ୟତାପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓ ଆକାଉ ।  ରହିବା ନିହାତି ଆବଶ୍ୟକ। ଏହି କାର୍ଯ୍ୟାଳୟରେ ଲାପଟପ୍/ଡେସ୍କଟପ୍ ଏବଂ ଇ ରନେଟ୍ ଯୋଗାଯୋଗ ବ୍ୟବସ୍ଥା ଥିବା ଦରକାର।

ଙ) **କୃଷକ ଉତ୍ପାଦକ ସଂଗଠନରେ ମହିଳାମାନଙ୍କ ଯୋଗାଦାନ:** ନିର୍ଦ୍ଦେଶକ ମଣ୍ଡଳୀରେ ଅତି କମ୍‌ରେ ୩ ଜଣ ମହିଳା ନିର୍ଦ୍ଦେଶକ ରହିବା ଆବଶ୍ୟକ।

ଚ) **ମାନକ ପରିଚାଳନା ପଦ୍ଧତି (ଏସ୍‌ଓପି) ର ବ୍ୟାଖ୍ୟା:** ବୋର୍ଡ଼ର ପରିଚାଳନା ପାଇଁ ଆବଶ୍ୟକ ଭୂମିକା ଓ ଦାୟିତ୍ୱ ପରିଭାଷିତ ହୋଇଥିବା ଏକ ଉ ମ ଭାବରେ ବର୍ଣ୍ଣିତ ଏସ୍‌ଓପି ପ୍ରସ୍ତୁତ କରାଯିବା ଆବଶ୍ୟକ ଏବଂ ବୋର୍ଡ଼ ସଦସ୍ୟଙ୍କୁ ଏହା ଉପରେ ପ୍ରଶିକ୍ଷିତ କରାଯିବା ଦରକାର। ଏଫ୍‌ପିଓଙ୍କ ନିକଟରେ ପ୍ରୋକ୍ୟୁରମେ   ଏବଂ ବିପଣନ ପାଇଁ ମଧ୍ୟ ଏକ ଏସ୍‌ଓପି ରହିବା ଆବଶ୍ୟକ।

ଛ) **ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି) ଙ୍କ ମଧ୍ୟରେ ନିୟମିତ ଆଲୋଚନା** : ବିଓଡ଼ି ଅତିକମ୍‌ରେ ୩ ମାସରେ ଥରେ ବୈଠକ କରିବା ସହିତ ଏଫ୍‌ପିଓ ର ପ୍ରଦର୍ଶନ ଓ ପ୍ରତ୍ୟେକ ବୈଠକରେ ଆଗାମୀ ତ୍ରୈମାସିକ ପାଇଁ ଆଲୋଚନା କରିବା ଓ ଆଲୋଚନାର ପ୍ରତି ମିନିଟ୍‌ର ରେକର୍ଡ଼ ରଖିବା ଆବଶ୍ୟକ।

ଜ) **ନିୟମିତ ସମୀକ୍ଷା:**ଏମ୍‌ସିଏ ନିୟମାବଳୀର ଆବଶ୍ୟକତା ଅନୁସାରେ ଏଫ୍‌ପିଓର ଆକାଉ   ଖାତା ସମୀକ୍ଷା କରାଯିବା ଉଚିତ।

ଝ) **ଏକ ପ୍ରସ୍ତୁତ ବ୍ୟବସାୟିକ ଯୋଜନା:**ଏହାର କୃଷକ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରି ଏଫ୍‌ପିଓର ଏକ କାର୍ଯ୍ୟକାରୀ ୧୮ ମାସିଆ (ସର୍ବନିମ୍ନ) ବ୍ୟବସାୟିକ ଯୋଜନା ରହିବା ଉଚିତ।

ଞ) **ନିର୍ଦ୍ଦେଶକ ମଣ୍ଡଳୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସକ୍ରିୟ ଯୋଗଦାନ:**ନିର୍ଦ୍ଦେଶକ ମଣ୍ଡଳୀ, ସିଇଓ ଏବଂ ଏଫ୍‌ଆଜି ନେତୃବର୍ଗ ସକ୍ରିୟତାର ସହିତ ପ୍ରୋକ୍ୟୁରମେ   ଏବଂ ମାର୍କେଟିଂ ଯୋଜନା ଓ କାର୍ଯ୍ୟନ୍ୱୟନ ଅଂଶଗ୍ରହଣ କରିବା ଉଚିତ।

ଟ) **ସୁଦୃଢ ଏମ୍‌ଆଇଏସ୍:** ବ୍ୟବସାୟିକ ପ୍ରଦର୍ଶନର ରେକର୍ଡ଼ ରଖିବା ପାଇଁ ଏଫ୍‌ପିଓର ଏକ ମାନକ ଏମ୍‌ଆଇଏସ୍ ପ୍ରଣାଳୀ ରହିବା ଉଚିତ।

୦) **ସଠିକ୍ ସମୟରେ ବ୍ୟବସାୟିକ କାର୍ଯ୍ୟାରମ୍ଭ:**ଏଫ୍‌ପିଓ ସ୍ଥାପନ ହେବାର ୨ ବର୍ଷ ମଧ୍ୟରେ ବ୍ୟବସାୟିକ ପ୍ରକ୍ରିୟା ଆରମ୍ଭ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ।

ଡ) **ଏକ ଆଦର୍ଶ ବ୍ୟବସାୟିକ କାରବାର ଲକ୍ଷ୍ୟ ହାସଲ:** ଏଫ୍‌ପିଓପଞ୍ଜୀକୃତ ହେବାର ୩ ବର୍ଷ ମଧ୍ୟରେ ଅତିକମ୍‌ରେ ବାର୍ଷିକ ୧ କୋଟି ଟଙ୍କାର କାରବାର କରିବା ଆବଶ୍ୟକ।

ଢ) **ଯୋଗାଣକାରୀ ଭାବେ ସଦସ୍ୟମାନଙ୍କୁ ରଖିବା:** ଅତିକମ୍‌ରେ ୩୦ ପ୍ରତିଶତ କୃଷକ ସଦସ୍ୟ ଏଫ୍‌ପିଓକୁ ବିକ୍ରି କରିବା ପାଇଁ ନିଜର ଉତ୍ପାଦ ଯୋଗାଣ କରିବା ଉଚିତ।

ଣ) **କାରବାରର ଡିଜିଟାଇଜେସନ୍:** ଏଫ୍‌ପିଓ ମୂଲ୍ୟ ଶୃଙ୍ଖଳର ଡିଜିଟାଇଜେସନ୍ ଏବଂ କୃଷକ ସଦସ୍ୟମାନଙ୍କୁ ଟଙ୍କା ପ୍ରଦାନ ସହିତ ବ୍ୟାଙ୍କ୍ ପରିଶୋଧ ବ୍ୟବସ୍ଥା ମାଧ୍ୟମାରେ କାରବାର କରିବା ଉଚିତ।

ତ) **ଆଭ୍ୟନ୍ତରୀଣ ପ୍ରଣାଳୀର ପ୍ରତିଷ୍ଠା:** ଏଫ୍‌ପିଓରେ ଏକ ଅଭିଯୋଗ ସମାଧାନ ପ୍ରଣାଳୀ, ମାନବ ସମ୍ବଳ ପାଇଁ ମାନକ ନୀତି, ଆକାଉ ସ୍ ଏବଂ ଫାଇନାନ୍ସ ରହିବା ଆବଶ୍ୟକ।

ତ) **ଆଭ୍ୟନ୍ତରୀଣ ପ୍ରଣାଳୀର ପ୍ରତିଷ୍ଠା:** ଏଫ୍‌ପିଓକୁ ନଗଦ ପ୍ରବାହକୁ ଜାରି ରଖିବା ପାଇଁ ଉପଯୁକ୍ତ ଇନ୍‌ପୁଟ୍ ବ୍ୟବସାୟ, ସାଧାରଣ ସେମା କେନ୍ଦ୍ର (ସିଏସ୍‌ସି), ବୀମା ସେବା ଯୋଗାଣକାରୀ, କୃଷି-କାର୍ଯ୍ୟାନ୍ୱୟନ, ଗ୍ରାହକ ନିଯୁକ୍ତି କେନ୍ଦ୍ର ପାଇଁ ଉଦ୍ୟମ କରିବା ଉଚିତ।

ଥ) **ସରକାରୀ ସହାୟତା ବିଷୟରେ ସଚେତନତା:** ନିଜର ସୀମା ବଢାଇବା ଓ ଦୀର୍ଘସ୍ଥାୟୀତ୍ୱ ପାଇଁ ଏଫ୍‌ପିଓ ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମକୁ ସମ୍ମିଳିତ କରିବ କାର୍ଯ୍ୟ କରିବା ଉଚିତ।

**ଏଫ୍‌ପିଓ କାର୍ଯ୍ୟପ୍ରଣାଳୀରେ ହିତାଧିକାରୀ**

**ଜିଲ୍ଲାସ୍ତରରେ**

କ) କୃଷି ବିଜ୍ଞାନ କେନ୍ଦ୍ର (କେଭିକେଏସ୍)- କେଭିକେ ଦ୍ୱାରା ଚାଷୀ ଓ ଏଫ୍‌ଆଇଜିମାନଙ୍କ ପ୍ରଦର୍ଶନ ଓ କ୍ଷମତା ବିକାଶ, ପ୍ରୋକ୍ୟୁରମେ , ମାର୍କେଟିଂ ଏବଂ ସାମଗ୍ରିକ ଶସ୍ୟ ନିର୍ଦ୍ଦେଶାବଳୀ

**ରାଜ୍ୟସ୍ତରରେ**

- :
- 
- କୃଷି ଏବଂ କୃଷକ ସଶକ୍ତିକରଣ (ଡିଏ ଏବଂ ଏଫ୍‌ଇ) ବିଭାଗ, ଓଡ଼ିଶା

ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ନିଜ ନୀତି ଓ ଯୋଜନା ମାଧ୍ୟମରେ ରାଜ୍ୟରେ ଏଫ୍‌ପିଓଙ୍କ କାର୍ଯ୍ୟାନ୍ୱୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଏଫ୍‌ପିଓମାନଙ୍କୁ କ୍ଷମତା ବିକାଶ, ଉତ୍ପାଦନ ପୂର୍ବ ଓ ପରବର୍ତ୍ତୀ ସହାୟତା, ଭିତ୍ତିଭୂମି ନିର୍ମାଣ, ଏବଂ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ଯନ୍ତ୍ରପାତି, ବିପଣନ ଓ ବ୍ରାଣ୍ଡିଂରେ ସହାୟତା ଦେବା ଜାରି ରଖିଛି। ବିଭାଗର ପ୍ରମୁଖ ଭୂମିକାଗୁଡ଼ିକ ହେଉଛି

କ) ରାଜ୍ୟରେ ଏଫ୍‌ପିଓ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦେବା ଓ ସଶକ୍ତ କରିବା

ଖ) ଏଫ୍‌ପିଓକୁ କାର୍ଯ୍ୟାନ୍ୱୟନ ଓ ଆତ୍ମନିର୍ଭରଶୀଳ ହେବାରେ ସହାୟତା କରବା

ଗ) ଏକ ଅନୁକୂଳ ଏଫ୍‌ପିଓ କାର୍ଯ୍ୟପ୍ରଣାଳୀ ଗଠନ ଦିଗରେ ନୀତିଗତ ପଦକ୍ଷେପ ପ୍ରଦାନ କରିବା

✓ ଉଦ୍ୟାନକୃଷି ନିର୍ଦ୍ଦେଶଳାୟ: ରାଜ୍ୟରେ "୧୦୦୦୦ ଏଫ୍‌ପିଓର ଗଠନ ଓ ପ୍ରସାର"ର କେନ୍ଦ୍ରୀୟ ଯୋଜନାକୁ ଲାଗୁ କରିବା ପାଇଁ ଏହା ଏକ ନୋଡ଼ାଲ ଏଜେନ୍ସି

N) କୃଷି ବିକାଶ ଯୋଜନା (ଆରକେଭିୱାଇ) ଅନ୍ତର୍ଗତ ଭେଜିଟେବୁଲ ଇମ୍‌ଟେଟିଭ ଅର୍ବନ୍ କ୍ଲଷ୍ଟର ଅନ୍ତର୍ଗତ ଏସ୍‌ଏଫ୍‌ଏସିକୁ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ଏହାକୁ ପ୍ରେସାହନ ଦିଆଯାଉଛି ।

ଙ) ନିର୍ଦ୍ଦେଶଳାୟ ପକ୍ଷରୁ ଏଫ୍‌ପିଓଗୁଡ଼ିକ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆରକେଭିୱାଇ), ପରମ୍ପରାଗତ କୃଷି ବିକାଶ ଯୋଜନା (ପିକେଭିୱାଇ) ଏବଂ ରାଜ୍ୟର ଯୋଜନା ପାଇଁ ସହାୟତା ଯୋଗାଇ ଦିଆଯାଉଛି ।

ଚ) କୃଷି ଉତ୍ପାଦନ କ୍ଲଷ୍ଟର (ଏପିସି) ପଦକ୍ଷେପ ପାଇଁ ନିର୍ଦ୍ଦେଶଳାୟ ହେଉଛି ନୋଡ଼ାଲ ଏଜେନ୍ସି, ଏହା କୃଷି, କୃଷକଙ୍କ ସଶକ୍ତିକରଣ ବିଭାଗ, ପ ାୟତିରାଜ ଓ ପାନୀୟ ଜଳ ବିଭାଗ, ଭାରତ ଗ୍ରାମୀଣ ଜୀବନଜୀବିକା ଫାଉଣ୍ଡେସନ୍ (ପିଆରଏଲଏଫ୍) ଏବଂ ବିକାଶ କାର୍ଯ୍ୟ ପାଇଁ ପେସାଦାର ସହାୟତା (ପ୍ରଦାନ) ଏକ ମିଳିତ ଉଦ୍ୟମ ।

ଛ) ଏଫ୍‌ପିଓ ମାନଙ୍କୁ ନିଶ୍ଚିତ ଋଣ ପାଣ୍ଠି ଯୋଗାଇ ଦେବା ପାଇଁ ନିର୍ଦ୍ଦେଶଳାୟ ପକ୍ଷରୁ ନବକିସାନ ସହତ ଏକ ଚୁକ୍ତି ସ୍ୱାକ୍ଷର କରାଯାଇଛି ।

ଜ) ପିଏସ୍‌ଏଫ୍‌ପିଓ ପ୍ରକଳ୍ପ, ଏଫ୍‌ପିଓ ଓଡ଼ିଶାକୁ ଅନୁଦାନ ପ୍ରଦାନ କରୁଥିବା ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ଅନ୍ତର୍ଗତ ଏନ୍‌ଆଇସି ଅଧିନରେ ନିର୍ଦ୍ଦେଶଳାୟ ପକ୍ଷରୁ ଏକ ୱେବ୍ ପୋର୍ଟାଲ ବିକଶିତ କରାଯାଇଛି ।

**କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶଳାୟ:** ନିର୍ଦ୍ଦେଶଳାୟ ରାଜ୍ୟର କ୍ଷେତ୍ରୀୟ ଯୋଜନା ଏବଂ ଶସ୍ୟ ବିବିଧକରଣ କାର୍ଯ୍ୟକ୍ରମ (ସିଡିପି) ଏବଂ ୪୦ଟି ଆଦିବାସୀ ବ୍ଲକ୍‌ରେ ବାଜରା ଚାଷ ମାଧ୍ୟମରେ ସକ୍ରିୟତାର ସହିତ ଏଫ୍‌ପିଓଙ୍କୁ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କ ସହିତ ଦୃଢତାର ସହ ଠିଆ ହୋଇଛି । ଜାତୀୟ ପ୍ରଦର୍ଶନ ପ୍ରକଳ୍ପ-ଏନ୍‌ଏଫ୍‌ଏସ୍‌ଏମ୍ ଅନ୍ତର୍ଗତ(ପଲ୍ସ ଭିଲେଜ୍ ପୋଗ୍ରାମ) ନିର୍ଦ୍ଦେଶଳାୟ ପକ୍ଷରୁ ଏଫ୍‌ପିଓମାନଙ୍କୁ ପ୍ରେସାହନ ଦିଆଯାଉଛି । ଜାତୀୟ ଖାଦ୍ୟ ସୁରକ୍ଷା ମିଶନ (ଏନ୍‌ଏଫ୍‌ଏସ୍‌ଏମ୍), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆରକେଭିୱାଇ) ଇତ୍ୟାଦି ଯୋଜନାରେ ନିର୍ଦ୍ଦେଶଳାୟ ପକ୍ଷରୁ ଏଫ୍‌ପିଓମାନଙ୍କୁ ହିତାଧିକାର ଭାବେ ସହାୟତା ପ୍ରଦାନ କରାଯାଇଛି ।

**ମୃ ିକା ସଂରକ୍ଷଣ ଏବଂ ୱାଟରସେଡ ବିକାଶ ନିର୍ଦ୍ଦେଶଳାୟ (ଡିଏ ଏବଂ ଏଫ୍‌ଇ)**: ନିର୍ଦ୍ଦେଶଳାୟ ପକ୍ଷରୁ ରେନ୍‌ଫେଡ଼ ଏରିଆ ଡେଭଲପମେ  (ଆରଏଡି), ବିଶ୍ୱ ବ୍ୟାଙ୍କ୍ ଅନୁଦାନପ୍ରାପ୍ତ ପୁରସ୍କାର ପ୍ରକଳ୍ପ, ଓଡ଼ିଶା ରେନ୍‌ଫେଡ଼ ଏରିଆ ମିଶନ୍ (ଓଆରମ୍) ଇତ୍ୟାଦି ଯୋଜନା ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଫ୍‌ପିଓଙ୍କୁ ସହାୟତା ପ୍ରଦାନ କରାଯାଇଛି ।

✓ **କୃଷି ଓ ଗ୍ରାମୀଣ ବିକାଶ ପାଇଁ ରାଷ୍ଟ୍ରୀୟ ବ୍ୟାଙ୍କ୍ (ନାବାର୍ଡ଼):** ନାବାର୍ଡ଼ ପକ୍ଷରୁ ରାଜ୍ୟର ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏଫ୍‌ପିଓଙ୍କୁ ଏହାର ଉତ୍ପାଦକ ସଂସ୍ଥା ବିକାଶ ପାଣ୍ଠି (ପିଓଡିଏଫ୍), ଉତ୍ପାଦନ ଫଣ୍ଡ ଏବଂ "୧୦୦୦୦ ଏଫ୍‌ପିଓ ଗଠନ ଓ ପ୍ରସାର" ଯୋଜନା ଅନ୍ତର୍ଗତ ପ୍ରୋତ୍ସାହନ ପ୍ରଦାନ କରାଯାଇଛି ।

✓ **କୃଷି ପ୍ରୋତ୍ସାହନ ଏବଂ ନିବେଶ ସମବାୟ ଓଡ଼ିଶା ଲିମିଟେଡ଼ (ଏପିଆଇସିଓଏଲ୍):**

✓ **ଜଳ ସଂସାଧନ ବିଭାଭ(ଡିଓଡବ୍ଲ୍ୟୁଆର):** ଜଳବାୟୁ ଉପଯୋଗୀ କୃଷି (ଓଆଇଆଇପିସିଆରଏ) ପ୍ରକଳ୍ପ ପାଇଁ ବିଶ୍ୱ ବ୍ୟାଙ୍କ୍ ଦ୍ୱାରା ଅନୁଦାନପ୍ରାପପ୍ତ ଅନ୍ତର୍ଭୁକ୍ତକାରୀ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ନୋଡ଼ାଲ ଏଜେନ୍ସି ରୂପେ କାର୍ଯ୍ୟ କରୁଛି ।

ଏଫ୍‌ପିଓମାନଙ୍କୁ ଏହି ପ୍ରକଳ୍ପ ଅନ୍ତର୍ଗତ ଜଳବାୟୁ ଅନୁକୂଳ କୃଷି ଏବଂ ପ୍ରକଳ୍ପ ପାଇଁ ମୂଲ୍ୟ ଶୃଙ୍ଖଳ ବକାଶରେ ସହାୟତା ଯୋଗାଇ ଦେଉଛି।

- ✓ **ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ଼ (ଓଏସ୍‌ଏମ୍‌ବି):** ଏଫ୍‌ପିଓଗୁଡ଼ିକୁ ଇ-ନାମ ପୋର୍ଟାଲରେ ଅନ୍ତର୍ଭୁକ୍ତ କରିବା ମାଧ୍ୟମରେ ସେମାନଙ୍କୁ ଏକ ସୁବିଧାନଜକ ଓ ସଂପ୍ରସାରିତ କାରବାରର ମଂଚ ପ୍ରଦାନ କରିବା ପାଇଁ ଓଏସ୍‌ଏଏମ୍ ବୋର୍ଡ଼ ଆରଏମ୍‌ସି ମଣ୍ଡି ଏବଂ ଏଫ୍‌ପିଓଗୁଡ଼ିକ ସହିତ ସକ୍ରିୟତାର ସହ କାର୍ଯ୍ୟ କରୁଛି।
- ✓ **ବ୍ୟାଙ୍କ୍ ଏବଂ ଆର୍ଥିକ ପ୍ରତିଷ୍ଠାନ** : ନାବାର୍ଡ଼ ଭଳି ବ୍ୟାଙ୍କ୍ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ, ନବକିସାନ, ସମୁନ୍ନତି, ଅନନ୍ୟା ଫାଇନାନ୍ସ ଭଳି ଏନ୍‌ବିଏଫ୍‌ସିଗୁଡ଼ିକ କୃଷକ ଉତ୍ପାଦକ (ଏଫ୍‌ପିଓ) ଗୁଡ଼ିକୁ ଋଣ ଯୋଗାଇ ଦେଇଥାନ୍ତି। ଏଫ୍‌ପିଓ ଗୁଡ଼ିକ ପକ୍ଷରୁ ସେମାନଙ୍କ କାର୍ଯ୍ୟ ପାଇଁ ପୁଞ୍ଜିର ଆବଶ୍ୟକତାକୁ ପୁରଣ କରିବା ପାଇଁ
- ✓ **କ୍ରେତା ଏବଂ ରପ୍ତାନୀକାରୀ:** ସ୍ଥାନୀୟ କ୍ରେତା, ବ୍ୟବସାୟୀ, ସଂସ୍ଥାଗତ କ୍ରେତା ଏବଂ ରପ୍ତାନୀକାରୀ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ର କାର୍ଯ୍ୟପ୍ରଣାଳୀ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ, କାରଣ ଏମାନେ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ସାମଗ୍ରୀ କିଣିଥାନ୍ତି।
- ✓ **କର୍ପୋରେଟ୍ ଏବଂ ବେସରକାରୀ ସଂସ୍ଥା:** ବେସରକାରୀ କମ୍ପାନୀ ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର) କାର୍ଯ୍ୟକ୍ରମ ମାଧ୍ୟମରେ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଗୁଡ଼ିକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କିମ୍ବା ଏକ ନିର୍ଦ୍ଧିଷ୍ଟ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟ କିମ୍ବା ମୂଲ୍ୟ ଶୃଙ୍ଖଳ ପାଇଁ ସହାୟତା ପ୍ରଦାନ କରିପାରିବେ। ରିଲାଏନ୍ସ, ଜିନ୍ଦଲ ଷ୍ଟିଲ ଭଳି କମ୍ପାନୀ ପକ୍ଷରୁ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ପାଇଁ ସିଏସ୍‌ଆର କାର୍ଯ୍ୟକ୍ରମ ଅନ୍ତର୍ଗତ କିଛି ପଦକ୍ଷେପମାନ ନିଆଯାଇଛି। ସେଲ୍‌କୋ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟର କିଛି କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଗୁଡ଼ିକୁ ସୌର ଶକ୍ତି ସମ୍ପନ୍ନ ଯନ୍ତ୍ରପାତି ପ୍ରଦାନ କରାଯାଇଛି।
- ✓ **ଘରୋଇ ଓ ଆନ୍ତର୍ଜାତୀୟ ଅନୁଦାନ ଏଜେନ୍ସି-** ବିଲ୍ ଏବଂ ମେଲିଡନା ଗେଟ୍ସ ଫାଉଣ୍ଡେସନ୍ (ବିଏମ୍‌ଜିଏଫ୍), ବିଶ୍ୱ ବ୍ୟାଙ୍କ୍, ଏସିଆନ୍ ଡେଭଲପମେ ବ୍ୟାଙ୍କ୍, ଡ୍ୟୁଟସ୍‌ଚି ଫର ଇ ନ୍ୟାସନାଲେ ଜୁସାମେନାରବେର୍ଟ (ଜିଆଇଜେଡ୍) ଜଏମ୍‌ବିଏଚ୍ ଏବଂ କେଏଫ୍‌ଡବ୍ଲ୍ୟୁ ଭଳି ସଂସ୍ଥା କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁବିଭିନ୍ନ ରାଜ୍ୟ ସରକାରଙ୍କୁ ସହାୟତା ଯୋଗାଇ ଦେଉଛନ୍ତି।

**ଜାତୀୟ ସ୍ତରରେ**

- ✓ **କୃଷି, ସମବାୟ ଓ କୃଷକ' କଲ୍ୟାଣ ବିଭାଗ, ଭାରତ ସରକାର:** ଜାତୀୟ ସ୍ତରରେ ବିଭାଗ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଗୁଡ଼ିକୁ ନୀତିଗତ ସହାୟତା ଯୋଗାଇ ଦେଇଥାଏ।

- ✓ **କୃଷି ଏବଂ ଗ୍ରାମୀଣ ବିକାଶ ପାଇଁ ରାଷ୍ଟ୍ରୀୟ ବ୍ୟାଙ୍କ୍ (ନାବାର୍ଡ଼)**
  - ନାବାର୍ଡ଼ ପକ୍ଷରୁ ଉତ୍ପାଦକଙ୍କ ଆବଶ୍ୟକତାକୁ ପୁରଣ କରିବା ପାଇଁ ନମନୀୟ ଦୃଷ୍ଟିକୋଣ ଗ୍ରହଣ କରାଯିବା ସହିତ ଉତ୍ପାଦକ ସଂଗଠନ (ପିଓ) ଗୁଡ଼ିକୁ ସହାୟତା ଯୋଗାଇ ଦେବା ପାଇଁ ଏକ ପଦକ୍ଷେପ ଗ୍ରହଣ କରାଯାଇଛି।
  - ଏହା ଉପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ପାଇଁ ପ୍ରାରମ୍ଭିକ ୫୦ କୋଟି ଟଙ୍କାର କରପସ୍ ସହିତ ୨୦୧୧ ମସିହା ଏପ୍ରିଲ ୧ ତାରିଖରୁ "ଉତ୍ପାଦକ ସଂସ୍ଥା ବିକାଶ ପାଣ୍ଠି" (ପିଓଡିଏଫ୍) ର ସ୍ଥାପନ କରାଯାଇଛି। ସିଏସ୍‌ଏସ୍ ଅନ୍ତର୍ଗତ "୧୦,୦୦୦ କୃଷକ ଉତ୍ପାଦକ ସଂଗଠର ଗଠନ ଏବଂ ପ୍ରସାର" ପାଇଁ ନାର୍ବାର୍ଡ଼କୁ କାର୍ଯ୍ୟକାରୀ ଏଜେନ୍ସି ଭାବେ ଚୟନ କରାଯାଇଛି।

- ପ୍ରସାର, କ୍ଷମତା ବିକାଶ ଏବଂ ବଜାର ହସ୍ତକ୍ଷେପ ନିମନ୍ତେ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଗୁଡ଼ିକ ପାଇଁ ଋଣ-ସଂଯୋଗ ଅନୁଦାନ ବ୍ୟବସ୍ଥା ଉପଲବ୍ଧ ରହିଛି।
- ସଂସ୍ଥାଗତ ଋଣ ହାସଲ ବିନା କର୍ମଶାଳା ଆୟୋଜନ/ପରିଚାଳନା, ବୈଠକ, ଗୋଲ ଟେବୁଲ ବୈଠକ, ସ୍ୱତନ୍ତ୍ର ଅଧ୍ୟୟନ, ସୂଚନା ପ୍ରଯୁକ୍ତି ଆଧାରିତ ହସ୍ତକ୍ଷେପ ଇତ୍ୟାଦି ପାଇଁ ଯୋଗ୍ୟ ଏଜେନ୍ସିଗୁଡ଼ିକ ପାଇଁ ସହାୟତା ଅନୁଦାନ ଉପଲବ୍ଧ ରହିଛି।

✓ **ଲଘୁ କୃଷକ କୃଷି ସଂଘ (ଏସ୍‌ଏଫ୍‌ଏସି):**

- ଏସ୍‌ଏଫ୍‌ଏସି କୁ କୃଷି, ସମବାୟ ଏବଂ କୃଷକ କଲ୍ୟାଣ ବିଭାଗ , ଏବଂ କୃଷି ଓ କୃଷକ ମନ୍ତ୍ରାଳୟ ଦ୍ୱାରା ଦେଶରେ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ନୋଡାଲ ଏଜେନ୍ସି ରୂପେ ନିଯୁକ୍ତ କରାଯାଇଛି।
- ୨୦୧୧ ମସିହାଠାରୁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଅନ୍ୟ ଏଜେନ୍ସିଙ୍କ ବିଭିନ୍ନ ଯୋଜନା ଓ  କାର୍ଯ୍ୟକ୍ରମ ଅନ୍ତର୍ଗତ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଛି। ଏହା କୃଷକମାନଙ୍କୁ ବ୍ୟାଙ୍କ୍ ସହିତ ସଂଯୋଗ କରିଥାଏ, ଯାହା ବଦଳରେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଆର୍ଥିକ ସହାୟତା ମିଳିଥାଏ।
- ସିଏସ୍‌ଏସ୍ ଅନ୍ତର୍ଗତ "୧୦,୦୦୦ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ଗଠନ ଓ ପ୍ରସାର", ଏସ୍‌ଏଫ୍‌ଏସିକୁ କାର୍ଯ୍ୟକାରୀ ଏଜେନ୍ସି ରୂପେ ଚୟନ କରାଯାଇଛି।
- ଏହା ବିଭିନ୍ନ ବୈଷୟିକ କୌଶଳର ବ୍ୟବହାର, ଉପଯୁକ୍ତ ସାର ଚୟନ ଭଳି ବିଭିନ୍ନ ଗତିବିଧି ଉପରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥାଏ।

✓ ଜାତୀୟ ସମବାୟ ବିକାଶ ସମବାୟ (ଏନ୍‌ସିଡିସି):  ସିଏସ୍‌ଏସ୍ ଅନ୍ତର୍ଗତ "୧୦,୦୦୦ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ଗଠନ ଓ ପ୍ରସାର", ଏନ୍‌ସିଡିସିକୁ କାର୍ଯ୍ୟକାରୀ ଏଜେନ୍ସି ରୂପେ ଚୟନ କରାଯାଇଛି।

✓ ଜାତୀୟ ସମବାୟ ବିକାଶ ସମବାୟ (ଏନ୍‌ସିଡିସି):  ସିଏସ୍‌ଏସ୍ ଅନ୍ତର୍ଗତ "୧୦,୦୦୦ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ଗଠନ ଓ ପ୍ରସାର", ଏନ୍‌ସିଡିସିକୁ କାର୍ଯ୍ୟକାରୀ ଏଜେନ୍ସି ରୂପେ ଚୟନ କରାଯାଇଛି।

✓ **ଘରୋଇ ଓ ଅନ୍ତର୍ଜାତୀୟ ଅନୁଦାନପ୍ରାପ୍ତ ଏଜେନ୍ସି-** ବିଏମ୍‌ଜିଏଫ୍, ବିଶ୍ୱ ବ୍ୟାଙ୍କ୍, ଏସିଆନ୍ ଡେଭଲପମେ  ବ୍ୟାଙ୍କ୍, ଡ୍ୟୁଟସ୍‌ଚି ଫର ଇ  ନ୍ୟାସନାଲେ ଜୁସାମେନାରବେର୍ଟ  (ଜିଆଇଜେଡ୍) ଜଏମ୍‌ବିଏଚ୍ ଏବଂ କେଏଫ୍‌ଡବ୍ଲ୍ୟୁ ପକ୍ଷରୁ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ମାନଙ୍କୁ  ପ୍ରୋତ୍ସାହନ ଦେବା ପାଇଁବିଭିନ୍ନ ରାଜ୍ୟ ସରକାରଙ୍କୁ ସହାୟତା ଯୋଗାଇ ଦିଆଯାଉଛି।



ଓଡ଼ିଶା ସରକାରଙ୍କ ଦ୍ୱାରା କୃଷକ ଉତ୍ପାଦକ ସଂଗଠନ
ନିମନ୍ତେ ନିଶୁଳ୍କ ପରାମର୍ଶ ସେବା

## ଯୋଗାଯୋଗ :

## ୧୮୦୦-୩୪୫-୧୨୩୨

## 1800 - 345 - 1232

ସୌଜନ୍ୟ - କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା